ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମାନତ



@ ମାମାଲି



@ ମିତାଲି



@ ପ୍ରକାଶ



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାସ୍ ହାର ୮୧ ପ୍ରତିଶତ

**ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ**

- ■ ପ୍ରାଣୀବିଜ୍ଞାନ ଛାତ୍ରୀ ସମ୍ପୂର୍ଣ୍ଣା ସାମଲ ମହାବିଦ୍ୟାଳୟର ସର୍ବୋଚ୍ଚ ନମ୍ବରଧାରୀ
- ■ ଲୋରୀ ଲିପ୍‌ସା ସାମଲ ଅନର୍ସରେ ସର୍ବୋଚ୍ଚ ନମ୍ବରଧାରୀ

**ଯାଜପୁର ଟାଉନ, ୧୦।୬(ଡି.ଏନ.ଏ.):**

ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀ ସମ୍ପୂର୍ଣ୍ଣା ସାମଲ ୯୨ ପ୍ରତିଶତ ନମ୍ବର ରଖିଥିବାବେଳେ ଲୋରୀ ଲିପ୍‌ସା ସାମଲ ପ୍ରାଣୀ ବିଜ୍ଞାନ ଅନର୍ସରେ ସର୍ବାଧିକ ନମ୍ବର ରଖିଛନ୍ତି।

ଯାଜପୁର ସର୍କିଟ ହାଉସ୍‌ଠାରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡ. ବିଷ୍ଣୁଚରଣ ଦାସ ଓ ପରୀକ୍ଷା ବିଭାଗ ନିୟନ୍ତ୍ରକ ପ୍ରଫେସର ଅଜୟ କୁମାର ସାମଲ, ମହାବିଦ୍ୟାଳୟର ଆଲମ୍ନିର ସଭାପତି ତଥା ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ, ସାଧାରଣ ସମ୍ପାଦକ ତଥା ବରୁଣେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବଟକୃଷ୍ଣ ମହାପାତ୍ର, ଉପସଭାପତି ସନ୍ତୋଷ କୁମାର ନନ୍ଦ ଓ ଅନ୍ୟ ଅଧ୍ୟାପକଙ୍କ ଉପସ୍ଥିତିରେ ପରୀକ୍ଷା ଫଳ ପୁସ୍ତକକୁ ଉନ୍ମୋଚିତ କରାଯାଇଛି। ଏଥିରେ ମହାବିଦ୍ୟାଳୟରେ ୪୯୮ଜଣ ଫର୍ମ କରିଥିବାବେଳେ ବିଭିନ୍ନ କାରଣରୁ ୧୨ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ୪୮୬ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୩୯୨ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ୨୬୦ଜଣ ପ୍ରଥମ ଶ୍ରେଣୀରେ ଡିଷ୍ଟିଂସନ୍ ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୯୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨ଜଣ ଦ୍ୱିତୀୟ ଶ୍ରେଣୀ ସହ ଡିଷ୍ଟିଂସନ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୩ ଜଣ ପରୀକ୍ଷାର୍ଥୀ ୨ୟ ଶ୍ରେଣୀରେ ପାସ କରିଥିବାବେଳେ ସମୁଦାୟ ଏହି ମହାବିଦ୍ୟାଳୟରେ ହାରାହାରି ୮୧ ପ୍ରତିଶତ ପିଲା ପାସ କରିଛନ୍ତି। ସେହିପରି ସେଲ୍ଫଫାଇନାନ୍ସିଂ କୋର୍ସ ବିବିଏ ଓ ବିସିଏରେ ୬୨ ପରୀକ୍ଷାର୍ଥୀ ଫର୍ମ ଫିଲପ୍ କରିଥିବାବେଳେ ବିସିଏର ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୬୦ଜଣ ପାସ କରିଥିବାବେଳେ ୫୯ଜଣ ପ୍ରଥମ ଶ୍ରେଣୀ ସହ ଡିଷ୍ଟିଂସନରେ ପାସ କରିଛନ୍ତି। ହାରାହାରା ୯୮ ପ୍ରତିଶତ ପାସ୍ କରିଛନ୍ତି।

ମହାବିଦ୍ୟାଳୟର ଅର୍ଥନୀତି ବିଭାଗରେ ୮୦ ପ୍ରତିଶତ, ଇଂଲିଶରେ ୧୦୦ ପ୍ରତିଶତ, ଇତିହାସରେ ୭୦ ପ୍ରତିଶତ, ଗଣିତ (କଳା) ବିଭାଗରେ ୧୦୦ ପ୍ରତିଶତ, ଓଡ଼ିଆରେ ୭୯ ପ୍ରତିଶତ, ଦର୍ଶନ ବିଭାଗରେ ୬୨ ପ୍ରତିଶତ, ରାଜନୈତିକ ବିଜ୍ଞାନରେ ୭୫ ପ୍ରତିଶତ, ସଂସ୍କୃତି ବିଭାଗରେ ୯୨, ସାମାଜିକ ବିଜ୍ଞାନ ବିଭାଗରେ ୬୮ ପ୍ରତିଶତ, ଉଦ୍ଭିଦ ବିଜ୍ଞାନରେ ୮୩ ପ୍ରତିଶତ, ରାସାୟନିକ ବିଜ୍ଞାନରେ ୯୩ ପ୍ରତିଶତ, ଗଣିତରେ ୧୦୦ ପ୍ରତିଶତ, ପଦାର୍ଥ ବିଭାଗରେ ୭୫ ପ୍ରତିଶତ, ପ୍ରାଣୀ ବିଭାଗରେ ୧୦୦ ପ୍ରତିଶତ, ବାଣିଜ୍ୟରେ ୭୪ ପ୍ରତିଶତ, ବିବିଏରେ ୧୦୦ ପ୍ରତିଶତ ଓ ବିସିଏରେ ୯୬ ପ୍ରତିଶତ ପିଲା ପାସ କରିଛନ୍ତି। ଜୁନ୍ ୨୩ରେ ମହାବିଦ୍ୟାଳୟ ପକ୍ଷରୁ ୧୮ଜଣ ସର୍ବୋଚ୍ଚ ନମ୍ବରଧାରୀଙ୍କୁ ବେଷ୍ଟ ଗ୍ରାଜୁଏଟ୍ ସମ୍ମାନରେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।



ସମ୍ପୂର୍ଣ୍ଣା ସାମଲ



ଲୋରୀ ଲିପ୍‌ସା ସାମଲ

# ଜମି ପଟ୍ଟା ପାଇବାରୁ ବଞ୍ଚିତ ହେଲେ ଅନେକ

**ବ୍ରହ୍ମବରଦା, ୧୦।୬(ଡି.ଏନ.ଏ.):**

ରସୁଲପୁର ତହସିଲ ଅନ୍ତର୍ଗତ ବ୍ରହ୍ମବରଦା ମୌଜାରେ ଦୀର୍ଘ ୪୦ ବର୍ଷ ପରେ ଗତ ୮ ତାରିଖରେ ସଂଶୋଧିତ ଜମି ପଟ୍ଟା ବଣ୍ଟନ କରାଯାଇଛି। ବ୍ରହ୍ମବରଦା ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶକ୍ତି ଏବଂ ଶିଳ୍ପ ବିଭାଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ୧୧ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏବଂ ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିଥିଲା। ସେଥିମଧ୍ୟରୁ କିଛି ଜମି ମାଲିକ ନିର୍ଭୁଲ ପଟ୍ଟା ପାଇଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଅନେକ ଜମି ମାଲିକ ପଟ୍ଟା ନ ପାଇ ନିରାଶ ହୋଇ ଫେରିଛନ୍ତି। ୩୦ ଡିସମିଲ ସ୍ଥାନରେ ୦୩ ଡିସମିଲର ପଟ୍ଟା ପାଇଥିବା ସେକ୍ କମିରୁଦ୍ଦିନଙ୍କ ସ୍ତ୍ରୀ ସଫିରୁନ ବିବି ଅଭିଯୋଗ କରିଛନ୍ତି। ସେହିପରି ସେକ୍ ହୁସେନ, ଅଫସରା ବିବି ଓ କିତାବୁନ ବିବି ମଧ୍ୟ ନୂଆ କରି ପାଇଥିବା ପଟ୍ଟାରେ ଜମିର ପରିମାଣ କମ ଥିବା ଅଭିଯୋଗ କରିଛନ୍ତି। ଆଉ କିଛି ଗ୍ରାମବାସୀ ତାଙ୍କ ମୂଳ ପୁରୁଣା ପଟ୍ଟା ସାଙ୍ଗରେ ନେଇ ନ ଥିବା ହେତୁ ତାଙ୍କୁ ମଧ୍ୟ ନୂତନ ପଟ୍ଟା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସେକ୍ ଇବ୍ରାହିମଙ୍କ କହିବା ଅନୁଯାୟୀ, ତାଙ୍କ ପଟ୍ଟା ଅନ୍ୟ କେହି ଜଣେ ନେଇଯାଇଥିବା ପଟ୍ଟା ବଣ୍ଟିବାକୁ ଆସିଥିବା ଅଧିକାରୀ ପ୍ରକାଶ କରିଥିଲେ। ଜମି ମାଲିକମାନେ ମୂଳ ପୁରୁଣା ପଟ୍ଟା ସହ ନିଜ ଆଧାର କାର୍ଡ ନକଲ ସଂଲଗ୍ନ କରି ଦାଖଲ କରିବାପରେ ନୂତନ ପଟ୍ଟା ପ୍ରଦାନ କରାଯାଉଥିଲା। ହେଲେ କିପରି ଭାବରେ ସେକ୍ ଇବ୍ରହିମଙ୍କ ମୂଳ ପୁରୁଣା ପଟ୍ଟା ତାଙ୍କ ନିକଟରେ ଥିବାବେଳେ ଅନ୍ୟଜଣେ ନୂଆ ପଟ୍ଟା ନେଇପାରିଲେ। ଏହାର ତଦନ୍ତ ଦାବି ହୋଇଛି। ଏଥିସହିତ ଯେଉଁ ଜମି ମାଲିକ ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କ ପାଇଁ ଆଉ ଏକ ଦିନ ପଟ୍ଟା ବଣ୍ଟନ ବ୍ୟବସ୍ଥା କରିବାକୁ ବ୍ରହ୍ମବରଦା ଅଞ୍ଚଳର ଯୁବ ସାମାଜିକ କର୍ମୀ ନମାଜୀ ଭାଇ ଏବଂ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ପର୍ଯ୍ୟଟକଙ୍କ ମୁଣ୍ଡ ଫଟାଇଲେ ସୁରକ୍ଷା କର୍ମୀ

**ଟିକେଟ କାଟିବାକୁ କେନ୍ଦ୍ରକରି କୁସୁମା ପାର୍କରେ ପର୍ଯ୍ୟଟକ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ**

**ଯାଜପୁର ଟାଉନ, ୧୦।୬(ଡି.ଏନ.ଏ.):**

ଯାଜପୁର ସହରର କୁସୁମା ପାର୍କରେ ଶନିବାର ଟିକେଟ କାଟିବାକୁ କେନ୍ଦ୍ରକରି ପର୍ଯ୍ୟଟକ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ପର୍ଯ୍ୟଟକଙ୍କୁ ଇଟାରେ ଛେଚି ମୁଣ୍ଡ ଫଟାଇ ଦେଇଛନ୍ତି ସୁରକ୍ଷା କର୍ମୀ। ଆକ୍ରମଣର ଶିକାର ହୋଇଛନ୍ତି ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ କଳାଖଣ୍ଡ ଅଞ୍ଚଳର ଦେବବ୍ରତ ସାହୁ ଓ ହାପି ସାହୁ। ଉଭୟ କୁସୁମା ପାର୍କ ପରିଦର୍ଶନ ପାଇଁ ଆସିଥିଲେ। ମାତ୍ର ଟିକେଟ କାଟିବାକୁ କେନ୍ଦ୍ରକରି ଉଭୟଙ୍କର ସୁରକ୍ଷା କର୍ମୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ପାର୍କର ୩/୪ଜଣ ସୁରକ୍ଷାକର୍ମୀ ଏକଜୁଟ ହୋଇ ପର୍ଯ୍ୟଟକ ଦେବବ୍ରତ ସାହୁଙ୍କୁ ମାଡ଼ ମାରିଥିବାବେଳେ ଅନ୍ୟଜଣେ ସୁରକ୍ଷା କର୍ମୀ ଇଟାରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ପର୍ଯ୍ୟଟକ ଜଣକ ଗୁରୁତର ହୋଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଯାଜପୁର ପୋଲିସ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣ କରିଥିଲା। ଅପରପକ୍ଷରେ ସୁରକ୍ଷାକର୍ମୀଙ୍କୁ ୨ ପର୍ଯ୍ୟଟକ ନିଶାଗ୍ରସ୍ତ ହୋଇ ଅଶାଳୀନ ବ୍ୟବହାର କରିବା ସହ ମାଡ଼ ମାରିଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ପୋଲିସ ଗୁରୁତର ପର୍ଯ୍ୟଟକଙ୍କୁ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଚଳାଇଛି।



ଆକ୍ରମଣର ଶିକାର ହୋଇଥିବା ଦୁଇ ପର୍ଯ୍ୟଟକ।

# ତାରପୁରରୁ ଚୋରି ରାଧାକୃଷ୍ଣ ମୂର୍ତ୍ତି କେନ୍ଦ୍ରାପଡ଼ାରୁ ଉଦ୍ଧାର

**ରଘୁନାଥପୁର, ୧୦।୬(ଡି.ଏନ୍.ଏ.)**

ରଘୁନାଥପୁର ଥାନା ତାରପୁର ସ୍ଥିତ ମା'ନାରାୟଣୀ ମନ୍ଦିରରୁ ଗତ ୮ ତାରିଖରେ ଚୋରି ଯାଇଥିବା ରାଧାକୃଷ୍ଣ ମୂର୍ତ୍ତି ରଘୁନାଥପୁର ପୋଲିସ କେନ୍ଦ୍ରାପଡା ଜିଲା କୁଜଙ୍ଗନଗରୀରୁ ଉଦ୍ଧାର କରିଛି। ଏହି ମୂର୍ତ୍ତି ଏରସମା ଥାନା ଜପା ଅଞ୍ଚଳର ଅଭିଯୁକ୍ତ ଆର୍ଯ୍ୟସ୍ମୃତି ସାହୁ (୨୩) ଓରଫ ଲିପୁଙ୍କଠାରୁ ପୋଲିସ ଉଦ୍ଧାର କରି ମନ୍ଦିର କର୍ମକାର୍ତ୍ତାଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ରାଜୀବ ଚରଣ ସାହୁ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୬୩/୨୩) ରୁଜୁ କରିଥିଲା। ଏହି ଘଟଣା ପୂର୍ବରୁ ତାରପୁର ଶିବ ମନ୍ଦିରରୁ ଏକ ମୂର୍ତ୍ତି ଚୋରି ହେବା ନେଇ ଏହି ଥାନାରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ମାମଲା (ନଂ. ୧୪୧/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଏସ୍‌ଆଇ ଏସ.କେ ବଳ ଏହାର ତଦନ୍ତ ଦାୟିତ୍ୱରେ ଥିଲେ। ଏହାପରେ ଲିପୁ କୁଜଙ୍ଗନଗରୀ ଥାନା ଅନ୍ତର୍ଗତ ତଳକୁସୁମା ଗଦାଧର ପୀଠରୁ ମୂର୍ତ୍ତି ଚୋରି କରୁଥିବା ସମୟରେ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସେଠାକାର ପୋଲିସ ହାତରେ ଧରାପଡ଼ିଥିଲେ। ଏସମ୍ପର୍କରେ ରଘୁନାଥପୁର ପୋଲିସ ସୂଚନା ପାଇବା ପରେ ସେଠାରେ ପହଞ୍ଚି ପଚରାଉଚରା କଲାପରେ ଲିପୁ ତାରପୁର ଅଞ୍ଚଳର ୨ ମନ୍ଦିରରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ଏବେ ଲିପୁ କେନ୍ଦ୍ରାପଡ଼ା ଜେଏମ୍ଏଫ୍‌ସି କୋର୍ଟ ହେପାଜତରେ ଥିବାବେଳେ ସେଠାକାର ଥାନାରେ ମାମଲା (ନଂ. ୨୮୯/୨୩) ରୁଜୁ ହୋଇଛି ବୋଲି ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି। ତାରପୁର ଶିବ ମନ୍ଦିରରୁ ଚୋରି ହୋଇଥିବା ମୂର୍ତ୍ତି ସମ୍ପର୍କରେ ଅଭିଯୁକ୍ତଙ୍କୁ ପଚାରଉଚରା ଜାରି ରହିଛି ବୋଲି ସେ ପ୍ରକାଶ କରିଛନ୍ତି।





ଜବତ ରାଧାକୃଷ୍ଣ ମୂର୍ତ୍ତି ଓ ଗିରଫ ଅଭିଯୁକ୍ତ ଆର୍ଯ୍ୟସ୍ମୃତି ସାହୁ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.ETELCONBBST-345ETER

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ ଏବଂ ସାଳଗାଁ-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍‌ର ନିର୍ମାଣ ସମ୍ବନ୍ଧୀୟ ଷ୍ଟେସନ ବିଲ୍ଡିଙ୍ଗ୍, ବୁକିଙ୍ଗ୍ କାଉଣ୍ଟର, ସଙ୍କେତ ଏବଂ ଦୂରସଂଚାର ଗୁମଟି, ଲେଭେଲ କ୍ରସିଙ୍ଗ୍ ଗୁମଟି, ଲେଭେଲ କ୍ରସିଙ୍ଗ୍ ଫାଟକ, ସିନିୟର ସେକ୍ସନ ଇଂଜିନିୟର କାର୍ଯ୍ୟାଳୟ (02 ଗୋଟି), ସବ୍‌ଅର୍ଡିନେଟ୍ ରେଷ୍ଟ ହାଉସ୍ (SRH)(01 ଗୋଟି), ମେରାମଣ୍ଡଳୀ ସ୍ଥିତ ରନିଙ୍ଗ୍ ରୁମ୍, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-II-54 ଗୋଟି, ଟାଇପ୍-III-17 ଗୋଟି ଏବଂ ଟାଇପ୍-IV-6 ଗୋଟି), 11/0.416 KV 2X100KVA ସବ୍‌ଷ୍ଟେସନ, ପାୱାର ଲାଇନ୍ କ୍ରସିଙ୍ଗ୍ (Xing) ରୂପାନ୍ତରଣଜନିତ ଜେନେରାଲ ବିଦ୍ୟୁତୀକରଣ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟସମୂହ ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 5,11,18,260.82, EMD (ଟଙ୍କାରେ) : 4,05,600/-, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.12.06.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.06.2023 ରିଖ 1200 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଇ-ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ଭୁବନେଶ୍ୱର

PR-33/CG/23-24

# ନନ୍ଦିନୀ ଦେବୀ ଥିଲେ ଅନିର୍ବାଣ ଅଗ୍ନିଶିଖା

**୯୨ତମ ନନ୍ଦିନୀ ଦେବୀ ଜୟନ୍ତୀ ସମାରୋହ**

**ରାଜନଗର, ୧୦।୬(ଡି.ଏନ୍.ଏ.)**

ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ପଥିତଯଶା ସାରସ୍ୱତ ସାଧିକା ଦୃଢ ପ୍ରଶାସିକା ସ୍ୱର୍ଗତା ନନ୍ଦିନୀ ଶତପଥିଙ୍କ ୯୨ତମ ଜନ୍ମଜୟନ୍ତୀ ସମାରୋହ ଶୁକ୍ରବାର ରାଜନଗରଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଜନଗର ପ୍ରେସ ପରିବାର ପକ୍ଷରୁ ଆୟୋଜିତ ଜୟନ୍ତୀ ସମାରୋହରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନନ୍ଦିନୀ ଦେବୀ ଅନିର୍ବାଣ ଅଗ୍ନିଶିଖା ଥିଲେ । ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପ୍ରଶାସନକୁ ଲୋକାଭିମୁଖୀ କରିବା, ସରକାରୀ କର୍ମଚାରୀଙ୍କଠାରୁ ଉପଯୁକ୍ତ କାର୍ଯ୍ୟ ଆଦାୟ କରିବାର କୌଶଳ ତାଙ୍କୁ ବେଶ୍ ଜଣାଥିଲା । ତାଙ୍କ ସମୟରେ ଶିକ୍ଷକମାନଙ୍କ ସମସ୍ୟାକୁ ସେ ହୃଦୟଙ୍ଗମ କରିଥିଲେ ଏବଂ ଶିକ୍ଷାନୀତିରେ ଏକ ବୈପ୍ଳବିକ ପରିବର୍ତ୍ତନ କରି ଶିକ୍ଷକମାନଙ୍କ ସ୍ୱାଭିମାନକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଏକାଧାରାରେ ଜଣେ ସ୍ୱାଭିମାନୀ, ନୀତିନୈତିକତା ଓ ମୂଲ୍ୟବୋଧ ଭାବଧାରାରେ ରାଜନୀତିରେ ପାଦ ରଖିଥିଲେ। ତାଙ୍କ ସମୟରେ ଘରର ଚାରିକାନ୍ଥ ଭିତରେ ରହିଥିବା ନାରୀମାନଙ୍କୁ ସଶକ୍ତିକରଣ କରିବା କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ, ତାହା ଆଜି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହୋଇପାରିଛି ବୋଲି କହିଥିଲେ।

ପ୍ରେସକ୍ଲବ ସଭାପତି ଭାସ୍କର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗଦେଇ ନାରୀ ପ୍ରଗତି କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କ କାଳଜୟୀ ଭୂମିକା ଅବିସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିକ୍ରମାଦିତ୍ୟ ଦାସ, ଶିକ୍ଷାବିତ୍ ବିଜୟ କୁମାର ଜେନା, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, ରବି ନାରାୟଣ ଲେଙ୍କା, ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟ ସୁମିତ୍ରା ସେଠୀ, ହେମନ୍ତ କୁମାର ବାରିକ, ପଣ୍ଡିତ ଶଙ୍କର୍ଷଣ ମିଶ୍ର ପ୍ରମୁଖ ଯୋଗଦେଇ ନନ୍ଦିନୀ ଦେବୀଙ୍କ ଅମଳୀନ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ମାଟ୍ରିକ ଏବଂ ଯୁକ୍ତ ୨ରେ ସଫଳତା ଲାଭ କରିଥିବା ଆଦ୍ୟାଶା ମିଶ୍ର, ପ୍ରିୟ ରଞ୍ଜନ ନାଥ, ଚିତ୍ତରଞ୍ଜନ ନାଥ, ମୌସୁମୀ ସ୍ୱାଇଁ, ସୁଜାତା ବାରିକ, ସ୍ୱପ୍ନାରାଣୀ ନାଥ, ପ୍ରୀତିମୟୀ ରାଉତ, ସୁଜାତା ବାରିକ, ଓମ୍‌ପ୍ରକାଶ ନାୟକ, ଶୁଭ୍ରାଂଶୁ ମହାପାତ୍ର, ଇତିଶ୍ରୀ ରାଉତ, ରୋଜି ପ୍ରଧାନ ଏବଂ ଆମ ଅଞ୍ଚଳର ସୁନାମଧନ୍ୟା କଣ୍ଠଶିଳ୍ପୀ ଶ୍ୱେତାଲୀନ ପଣ୍ଡାଙ୍କୁ ମୁଖ୍ୟଅତିଥି ବିଧାୟକ ସାହୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମାରୋହ ପ୍ରାରମ୍ଭରେ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଖବରଦାତା ଜଗନ୍ନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଖବରଦାତା ସୂର୍ଯ୍ୟ ନାରାୟଣ ଲେଙ୍କା, ବିଜୟ କୁମାର ଗୁପ୍ତା, ରଞ୍ଜନ କୁମାର ପ୍ରଧାନ, ତାପସ କୁମାର ପରିଡା, ଜଗବନ୍ଧୁ ଖଟୁଆ, ଦୋଳଗୋବିନ୍ଦ ଜେନା, ତ୍ରିଲୋଚନ ଦାସ, କୃତିବାସ ପ୍ରଧାନ, ଅଭିରାମ ଦାସ, ଅଲେଖ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ଖବରଦାତା ପିଣ୍ଟୁ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



ନନ୍ଦିନୀ ଦେବୀ ଜୟନ୍ତୀ ସମାରୋହରେ ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି ।

# ନୀଳାଚଳରୁ ସ୍କ୍ରାପ୍ ଲୁଟ୍‌ବେଳେ ଡ୍ରାଇଭର ଅଟକ

**ଟ୍ରେଲର, ଦେଢ଼ କ୍ୱିଣ୍ଟାଲ ସ୍କ୍ରାପ ଜବତ**

**କଳିଙ୍ଗନଗର, ୧୦।୬(ଡି.ଏନ.ଏ.):**

କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ (ଟାଟା ଲଙ୍ଗ ପ୍ରଡକ୍ଟ)କାରଖାନାରୁ ସ୍କ୍ରାପ୍ ଲୁଟ୍‌ବେଳେ ଜଣେ ଟ୍ରେଲର ଡ୍ରାଇଭର ଯାଜପୁରରୋଡ୍ ଥାନା ଓଲ୍ଲର ସୁବଳ ଜେନାଙ୍କୁ କାବୁ କରି ପୋଲିସ ଅଟକ ରଖିଛି। ଏଥିସହିତ ଲୁଟ୍‌ରେ ବ୍ୟବହୃତ ଏକ ଟ୍ରେଲର ନଂ.ଜେଏଚ୍-୦୫-ଡିଏ-୪୬୭୪ ସହ ପ୍ରାୟ ଦେଢ଼ କ୍ୱିଣ୍ଟାଲ ସ୍କ୍ରାପକୁ ଜବତ କରିଛି। ଏନେଇ ଥାନାରେ ନଂ.୯୭/୨୩ରେ ମାମଲା ରୁଜୁ ହୋଇଛି। ମେସର୍ସ ଏ.କନଷ୍ଟ୍ରକଶନ ଅଧୀନରେ ଉକ୍ତ ଟ୍ରେଲରଟି କାରଖାନା ପରିସରରେ ଲିଫଟିଙ୍ଗ ଏବଂ ସିଫଟିଙ୍ଗ କାମରେ ନିୟୋଜିତ ଥିଲା। ହେଲେ ଚତୁରତାର ସହିତ ଟ୍ରେଲର ଡ୍ରାଇଭର ଗାଡ଼ିର ଚକାପମ୍ପଚର ମରାଯିବାକୁ କହି ଗାଡ଼ିଟିକୁ ମ୍ୟାଟେରିଆଲ ଫାଟକରେ ବାହାରକୁ ନେଉଥିଲେ। ସୁରକ୍ଷା କର୍ମୀ ଗାଡିଟିକୁ ତନଖିବା ପରେ ୧.୫ କ୍ୱିଣ୍ଟାଲ ପାଖାପାଖି ସ୍କ୍ରାପ ଟ୍ରେଲରରେ ଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଏସ୍‌ଇନିମେଣ୍ଟ ମ୍ୟାନେଜର ଅନାଦି ଜେନା କଳିଙ୍ଗନଗର ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଟ୍ରେଲର ଓ ସ୍କ୍ରାପ ଜବତ କରିବା ସହ ସମ୍ପୃକ୍ତ ଡ୍ରାଇଭରଙ୍କୁ ଥାନାକୁ ନେଇଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.15/ET/SBP/ENGG/ 2023-24, ତା.01.06.2023ରିଖ

(1)ଇ-ଟେଣ୍ଡର ସଂ.02-eT-DENW-SBP-23

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଖୋଲି-ଲଖନା ସେକ୍ସନ ମଧ୍ୟରେ RV-91 ଠାରେ ପ୍ରବେଶ ପଥ ଏବଂ RV-62 ଠାରେ RCC ୱାଲ୍ ର ବ୍ୟବସ୍ଥା ସହିତ ଲେଭେଲ କ୍ରସିଙ୍ଗ୍ ନଂ.RV-20, RV-33, RV-41, RV-43, RV-48, RV-61 ଏବଂ RV-85 ଠାରେ ଅଭାବ ଅନୁଯାୟୀ ରୋଡ଼ ଅଣ୍ଡର ବ୍ରିଜ୍ (RUB) / ଉପ ମାର୍ଗଗୁଡ଼ିକ ନିମନ୍ତେ ଡ୍ରେନ୍, କଭର ସେଡ୍, ଜଏଣ୍ଟ ଏବଂ ସମ୍ପଗୁଡ଼ିକର ସିଲିଙ୍ଗ୍ ଭଳି ବିଭିନ୍ନ ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ଜଳ ନିଷ୍କାସନ (Drainage)ର ଉନ୍ନୟନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 30,04,80,653.93, ବିଡ୍ ସିକ୍ୟୁରିଟି (ଟଙ୍କାରେ): 16,52,500/- ।

(2)ଇ-ଟେଣ୍ଡର ସଂ.03-eT-DENW-SBP-23

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବିଭିନ୍ନ ସେକ୍ସନଗୁଡ଼ିକ ସ୍ଥିତ ଲେଭେଲ କ୍ରସିଙ୍ଗ୍ ନଂ.RV-121, RV-127, RV-155, RV-157, RV-181, JT-73, JT-97, JT-115, JT-118, JT-125, ST-10 ଏବଂ ST-16 ଠାରେ ଅଭାବ ଅନୁଯାୟୀ ରୋଡ଼ ଅଣ୍ଡର ବ୍ରିଜ୍ (RUB)/ଉପ ମାର୍ଗଗୁଡ଼ିକ ନିମନ୍ତେ ଡ୍ରେନ୍, କଭର ସେଡ୍, ଜଏଣ୍ଟ ଏବଂ ସମ୍ପଗୁଡ଼ିକର ସିଲିଙ୍ଗ୍ ଭଳି ବିଭିନ୍ନ ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ଜଳ ନିଷ୍କାସନ (Drainage)ର ଉନ୍ନୟନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 30,01,33,181/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 16,50,700/- ।

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ଉଭୟ ଟେଣ୍ଡରଗୁଡ଼ିକ ନିମନ୍ତେ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.06.2023ରିଖ 1500 ଘଟିକାରେ (ଉଭୟ ଟେଣ୍ଡରଗୁଡ଼ିକ ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ସମ୍ବଲପୁର

PR-251/O/23-24

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅମାନତ



@ ମାମାଲି



@ ମିତାଲି



@ ପ୍ରକାଶ



@ ସୁମନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଠକେଇର ଶିକାର ବୃଦ୍ଧାଙ୍କ ସାହା ଜରିପାଲ କୁଡ଼ିଆ

**ଖଣ୍ଡପଡ଼ା,୧୦।୬(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ସୋରଡା ଗ୍ରାମର ସୁକାନ୍ତି ବେୱା ଗାଁ ଗଣ୍ଡଗୋଳରେ ସ୍ୱାମୀ ପ୍ରବାସୀ ନାୟକଙ୍କୁ ହରାଇଥିଲେ । ଅନ୍ୟ କୌଣସି ଉପାୟ ନ ପାଇଁ ଧର୍ମବାପା ମହେଶ୍ୱର ବେହେରା(୯୦)ଙ୍କ ସାଥିରେ ଖଣ୍ଡପଡ଼ା ବ୍ଲକ ଯୋଗୀଆପଲ୍ଲୀ ଅଧୀନ ଲକ୍ଷ୍ମୀପ୍ରସାଦ ଗାଁକୁ ଚାଲି ଆସିଥିଲେ । ସେଠାରେ ସେ ନିଜର ୨ ପୁଅଙ୍କ ସହ ଧର୍ମବାପାଙ୍କୁ ଧରି ଏକ ଭଡାଘରେ ଗତ ୧୫ ବର୍ଷ ହେବ ରହି ଆସୁଥିଲେ । ଏମିତି କିଛି ବର୍ଷ କଟିବା ପରେ ଗାଁର ଜଣେ ବ୍ୟକ୍ତିଙ୍କଠାରୁ ୪ ଡେସିମିଲ ଜାଗା କ୍ରୟ କରିବା ପାଇଁ ଆଲୋଚନା କରି ଅଗ୍ରିମ ଦେଇଥିଲେ । ପରବର୍ତ୍ତୀ ସମୟରେ ଜମି ମାଲିକଙ୍କ ଦ୍ୱାରା ଚିହ୍ନଟ ଜାଗା ବାବଦରେ ମୋଟ୍ ୨.୪୫ ଲକ୍ଷ ଟଙ୍କା ପ୍ରଦାନ କରି ନିଜ ନାମରେ କାଗଜପତ୍ର କରିଥିଲେ । ହେଲେ ସୁକାନ୍ତି ଜାଣିବାକୁ ପାଇଥିଲେ ଜମି ମାଲିକ ଯେଉଁ ଜାଗା



ନିଜ କୁଡ଼ିଆ ସମ୍ମୁଖରେ ସୁକାନ୍ତି ।

- ଜିଲାପାଳ,ଏସ୍‌ପିଙ୍କୁ ଜଣାଇଲେ ବି ସୁଫଳ ମିଳୁନି
- ଜମି ଉପରେ ଥିବା ବିଦ୍ୟୁତ୍ ତାର ହଟୁନି

ବିକ୍ରି କରିବା ପାଇଁ ଦେଖାଇଥିଲେ ତାହା କାଗଜପତ୍ର ଅନୁଯାୟୀ ଅନ୍ୟ ଜାଗା । ଯେଉଁ ଜମି ଉପରେ ଉଚ୍ଚ ଶକ୍ତିସମ୍ପନ୍ନ ୧୧କେଭି ବିଦ୍ୟୁତ୍ ତାର ଯାଇଥିବାରୁ ଘର କରିବାରେ ସମସ୍ୟା ସୃଷ୍ଟି ହେବ । ଏ କଥା ଜମି ମାଲିକଙ୍କୁ ଜଣାଇବା ପରେ ବିଦ୍ୟୁତ୍ ଲାଇନକୁ ଅନ୍ୟତ୍ର ଉଠାଇ ଦିଆଯିବ ବୋଲି ଜମି ମାଲିକ ଆଶ୍ୱାସନା ଦେଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଏ ଦିଗରେ କେହି ପଦକ୍ଷେପ ନେଇ ନ ଥିବାରୁ ସୁକାନ୍ତି ଘର କରିପାରୁନାହାନ୍ତି । ମୋର ଏମିତି ଜମି ଦରକାର ନାହିଁ, ଜମି ନିଅନ୍ତୁ, ମୋତେ ଟଙ୍କା ଫେରାଇ ଦିଅନ୍ତୁ ବୋଲି ସୁକାନ୍ତି ଜମି ମାଲିକଙ୍କୁ କହିଥିଲେ ମଧ୍ୟ ସେ କିଛି ଶୁଣୁନାହାନ୍ତି । ଅନ୍ୟ କୌଣସି ଉପାୟ ନ ପାଇ ସୁକାନ୍ତି ସେହି ଜାଗା ଉପରେ ଘର ନିର୍ମାଣ ପାଇଁ ପ୍ରୟାସ ଜାରି ରଖିଥିଲେ ମଧ୍ୟ ବିଦ୍ୟୁତ ତାର ସମସ୍ୟା ସୃଷ୍ଟି ହୋଇଛି। ଫଳରେ ସୁକାନ୍ତି ଓ ତାଙ୍କ ପରିବାର ଏକ ଜରିପାଲ ତଳେ ବଡ ଦୟନୀୟ ଅବସ୍ଥାରେ ରହିଛନ୍ତି। ଏ ସମ୍ପର୍କରେ ସେ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିବାରୁ ଦୀର୍ଘ ବର୍ଷରୁ ବିଦ୍ୟୁତ ତାର ଯାଇଥିବାରୁ ଜାଗା କ୍ରୟ କରିବା ପୂର୍ବରୁ କ୍ରେତା ଯତ୍ନବାନ ହେବାର ଥିଲା । ଏବେ ସେହି ଲାଇନକୁ ସ୍ଥାନାନ୍ତର କରିବା ସମ୍ଭବ ନୁହେଁ ବୋଲି ଅଧିକାରୀ ଜଣକ କହିଛନ୍ତି। ଏଣେ ଜମି ମାଲିକ ବି ଧରାଛୁଆଁ ଦେଉନାହାନ୍ତି। ଏଥିପାଇଁ ସୁକାନ୍ତି ନୟାଗଡ଼ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତଥାପି ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ ଗୁରୁତ୍ୱ ଦେଉ ନ ଥିବା ସୁକାନ୍ତି ଅଭିଯୋଗ କରିଛନ୍ତି ।

## ଗୋଡିପଲିରେ ପୋଖରୀ ରାସ୍ତାରେ ଫାଟ

**ନୟାଗଡ଼ ଅଫିସ,୧୦।୬:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଣକୁଳ ନିକଟସ୍ଥ ଗୋଡିପଲ୍ଲୀ ଗାଁର ପୋଖରୀ ରାସ୍ତା ଶନିବାର ଅପରାହ୍ନରେ ପ୍ରାୟ ୨୦ଫୁଟ ଫାଟି ଆଁ କରିଛି। ରାସ୍ତା ଫାଟିବାର କାରଣ ଜଣାପଡି ନ ଥିଲା ବେଳେ କେହି ଏହାକୁ ମୃଦୁ ଭୂକମ୍ପ ବୋଲି କହିଛନ୍ତି। ତେବେ ମୃଦୁ ଭୂକମ୍ପ ଗାଁରେ ଅନୁଭୂତ ହୋଇ ନ ଥିବା ଲୋକମାନେ କହିଛନ୍ତି ।

# ବେଆଇନ ଫର୍ନିଚର ୟୁନିଟ ଉପରେ ଚଢ଼ାଉ

**ନୟାଗଡ଼ ଅଫିସ,୧୦।୬**

**୧ ଲକ୍ଷ ଟଙ୍କାର ଶାଗୁଆନ ଗଣ୍ଡି, ପଟା ଜବତ**

ନୟାଗଡ଼ ଓ ପଞ୍ଚରିଡା ରେଞ୍ଜର ବନକର୍ମଚାରୀମାନେ ଶନିବାର ନୟାଗଡ଼ ବନଖଣ୍ଡ ନୟାଗଡ଼ ରେଞ୍ଜର ଇଟାମାଟି ପାଇକ ସାହିରଏକ ବେଆଇନ ଫର୍ନିଚର ୟୁନିଟ ଉପରେ ଚଢ଼ାଉ କରଛନ୍ତି । ଏହି ବେଆଇନ ୟୁନିଟ ଏକ ପରିତ୍ୟକ୍ତ ଘରେ ଚାଲୁଥିଲା । ଏଠାରୁ ୨୨ଟି ଶାଗୁଆନ ଗଣ୍ଡି, ୫୦ ଖଣ୍ଡ ପଟା ଓ ୪ଟି ଅର୍ଦ୍ଧ ନିର୍ମିତ କବାଟ ଜବତ କରାଯାଇଛି । ଜବତ ୪୦ ଘନଫୁଟ କାଠର ଦାମ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ବନ ବିଭାଗ କହିଛି। ଏନେଇ ଏକ ମାମଲା (ନଂ.୭/୨୩) ରୁଜୁ ହୋଇଛି । ତେବେ କିଏ ଏହି ୟୁନିଟ ଚଳାଉଥିଲେ ଜଣାପଡୁନି। ବନବିଭାଗ ସ୍କାନରରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ରହିଛନ୍ତି। ସେହିପରି ସାଧାରଣରେ ଆଲୋଚନା ଅନୁସାରେ ବେଆଇନ ଫର୍ନିଚର ୟୁନିଟ କିଏ ଚଳାଉଥିଲା ବନବିଭାଗ ଜାଣିଥିଲେ ମଧ ଜାଣିଶୁଣି ସୁରକ୍ଷା ଦିଆଯାଉଛି। ଏଣୁ ଚଢ଼ାଉ ପରେ ବନବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି ।

## ସାହୁପଡାରେ ପାଗଳା ଶିଆଳ ଆତଙ୍କ

**ଆଳି,୧୦।୬(ଡି.ଏନ୍.ଏ.):** କେନ୍ଦ୍ରାପଡା ଜିଲା ଆଳି ଥାନା ଅଞ୍ଚଳରେ ଶିଆଳଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ରାତିରେ ଶତାଧିକ ଶିଆଳ ରାସ୍ତା ଘାଟରେ ବୁଲୁଥିବା ଦେଖିବାକୁ ମିଳିଛି । ଶନିବାର ସନ୍ଧ୍ୟାରେ ବଡାମ୍ବିଳା ପଞ୍ଚାୟତ ସାହୁପଡ଼ା ଗ୍ରାମରେ ପାଗଳା ଶିଆଳ ଏକ ଶିଶୁ ସମେତ ୪ ଜଣଙ୍କୁ କାମୁଡି ଖଣ୍ଡିଆ ଖାବରା କରିଛି। ଗ୍ରାମର ସାଇଶ୍ରୀ ରାଉତ (୪), ଦିବ୍ୟଶ୍ରୀ ରାଉତ (୧୫), ସ୍ନେହଲତା ରାଉତ (୬୧) ଓ ହଳଧର ପ୍ରଧାନ (୫୬)ଙ୍କୁ ଘରେ ପଶି କାମୁଡି ରକ୍ତାକ୍ତ କରିବା ପରେ ସମସ୍ତେ ଆଳି ଡାକ୍ତରଖାନା ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ମେଡିକାଲରେ ପର୍ଯ୍ୟାପ୍ତ ପରିମାଣରେ ଇଞ୍ଜେକଶନ ମହଜୁଦ ରଖିବା ସହ ଜଙ୍ଗଲ ବିଭାଗ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ୫-ଟି ସ୍କୁଲରେ ଚାରା ରୋପଣ ନ କରି ୩୩ ହଜାର ବିଲ୍

**ନୂଆଗାଁ,୧୦।୬(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଦୁର୍ନୀତି ବୃଦ୍ଧି ପାଇବାରେ ଲାଗିଛି। ବୃଦ୍ଧାବୃଦ୍ଧଙ୍କ ଭତ୍ତା ଟଙ୍କା ଆତ୍ମସାତ୍‌ଠାରୁ ଆରମ୍ଭକରି ୫-ଟି ଯୋଜନାରେ ସ୍କୁଲ ରୂପାନ୍ତରଣ କାମ ଯାଏ ପ୍ରତି କ୍ଷେତ୍ରରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ୫-ଟି ରୂପାନ୍ତରଣରେ ସ୍କୁଲ ପରିସରରେ ଚାରା ରୋପଣ କରି ସୌନ୍ଦର୍ଯ୍ୟକରଣ କରିବା ସହ ସ୍କୁଲ ପରିବେଶକୁ ସବୁଜିମା କରିବା ପାଇଁ ସରକାର ଅନୁଦାନ ଦେଉଛନ୍ତି। କିନ୍ତୁ ମାଳିସାହି ଗତିକେଶ ନୋଡାଲ ହାଇସ୍କୁଲରେ ଚାରା ରୋପଣ ନ କରି ଅନୁଦାନ ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି।

୫-ଟି ଯୋଜନାରେ ସ୍କୁଲକୁ ରୂପାନ୍ତରଣ କରିବା ପାଇଁ ସରକାର ୪୫ ଲକ୍ଷ ଟଙ୍କା ଅନୁଦାନ ଦେଉଛନ୍ତି । ରୂପାନ୍ତରିତ ସ୍କୁଲର ସୌନ୍ଦର୍ଯ୍ୟ ବୃଦ୍ଧି ସହ ସ୍କୁଲ ପରିବେଶକୁ ସବୁଜିମା କରିବା ନିମନ୍ତେ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ



ଚାରା ରୋପଣ ନ ହୋଇ ଅନାବନା ଘାସରେ ପୂର୍ଣ୍ଣ ସ୍କୁଲ ପରିସର ।

- ମାଳିସାହି ଗତିକେଶ ନୋଡାଲ ହାଇସ୍କୁଲ କାମରେ ଅନିୟମିତତା
- ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ଦେବାକୁ ଅମଙ୍ଗ

ଚାରା ରୋପଣ ପାଇଁ ପ୍ରତି ୫-ଟି ସ୍କୁଲକୁ ୬ ଲକ୍ଷ ୮୪୬ ଟଙ୍କା ଅନୁଦାନ ଦେଇଛନ୍ତି। କିନ୍ତୁ ଉକ୍ତ ଅନୁଦାନ କୌଣସି ରୂପାନ୍ତରିତ ସ୍କୁଲରେ ଠିକ୍ ଭାବେ ବିନିଯୋଗ ହୋଇ ନ ଥିବା ଅଭିଯୋଗ ହେଉଛି। ଚାରା ରୋପଣ ନିମନ୍ତେ ପ୍ରତି ରୂପାନ୍ତରିତ ସ୍କୁଲକୁ ଅନୁମୋଦିତ ହୋଇଥିବା ୬ ଲକ୍ଷ ଟଙ୍କା ମଧ୍ୟରୁ ନୂଆଗାଁ ହାଇସ୍କୁଲରେ ଅଳ୍ପ କିଛି ଗଛ ଲଗାଇ ୧,୨୨,୪୪୮ ଟଙ୍କାର ବିଲ୍ କରାଯାଇଛି। ବାହାଡ଼ାଝୋଲା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମୋରମ ଓ ମାଟି ପକାଇ ମାତ୍ର କିଛି ଫୁଲଗଛ ଲଗାଇବା ପାଇଁ ୧,୨୪,୯୮୬ ଟଙ୍କା ବିଲ୍ କରାଯାଇଛି। ସେହିପରି ସମ୍ପଡ଼ା ଚିନ୍ତାମଣି ବିଦ୍ୟାପୀଠରେ ଚାରା ରୋପଣ ପାଇଁ ୯୪,୧୨୮ ଟଙ୍କା ବିଲ୍ ହୋଇଛି। ମାଳିସାହି ଗତିକେଶ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣର ଫଳକ ଲଗାଯାଇଛି, କିନ୍ତୁ ଗୋଟିଏ ବି ଚାରା ରୋପଣ କରାଯାଇନାହିଁ। ସ୍କୁଲ ପରିସର ଅନାବନା ଘାସବୁଦାରେ ପରିପୂର୍ଣ୍ଣ ହୋଇ ରହିଛି । ଚାରା ରୋପଣ ବାବଦରେ ୩୩୦୭୮ ଟଙ୍କା ବିଲ୍ କରାଯାଇଛି । ଏ ସଂକ୍ରାନ୍ତରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ତାହା ମିଳୁ ନାହିଁ । କୌଣସି ଅଧିକାରୀ ବି କାମରେ ହୋଇଥିବା ବ୍ୟୟ ବିଷୟରେ କହିବାକୁ ଚାହୁଁନାହାନ୍ତି। କେବଳ ଏମ୍‌ଜିଏନ୍‌ଆରଇଜିଏସ୍ ୱେବସାଇଟ୍‌ରୁ କେବଳ ଚାରା ରୋପଣର ତଥ୍ୟ ମିଳିପାରୁଛି । ସେହି ତଥ୍ୟ ଦେଖିବାରେ ୫-ଟି ଯୋଜନାରେ ଅନିୟମିତତା ହୋଇଥିବା ଗନ୍ଧ ସମ୍ପୂର୍ଣ୍ଣ ବାରି ହୋଇପଡୁଛି। ଏ ବାବଦରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ମୁଁ ନୂଆଗାଁ ବ୍ଲକରେ ଯୋଗ ଦେବା ପୂର୍ବରୁ ସେହି କାମ ସରି ଯାଇଥିଲା । ତେଣୁ ସେ ବିଷୟରେ ମୁଁ ସମ୍ପୃକ୍ତ ଯନ୍ତ୍ରୀଙ୍କ ସହ ଆଲୋଚନା କରି ବୁଝିବି ବୋଲି କହିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.ETELCONBBST-345ETER

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ ଏବଂ ସାଲଗାଁ-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍‌ର ନିର୍ମାଣ ସମ୍ବନ୍ଧୀୟ ଷ୍ଟେସନ ବିଲ୍ଡିଙ୍ଗ୍, ବୁକିଙ୍ଗ୍ କାଉଣ୍ଟର, ସଙ୍କେତ ଏବଂ ଦୂରସଂଚାର ଗୁମଟି, ଲେଭେଲ କ୍ରସିଙ୍ଗ୍ ଗୁମଟି, ଲେଭେଲ କ୍ରସିଙ୍ଗ୍ ଫାଟକ, ସିନିୟର ସେକ୍ସନ ଇଂଜିନିୟର କାର୍ଯ୍ୟାଳୟ (02 ଗୋଟି), ସବ୍‌ଅର୍ଡିନେଟ୍ ରେଷ୍ଟ ହାଉସ୍ (SRH)(01 ଗୋଟି), ମେରାମଣ୍ଡଳୀ ସ୍ଥିତ ରନିଙ୍ଗ୍ ରୁମ୍, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-II-54 ଗୋଟି, ଟାଇପ୍-III-17 ଗୋଟି ଏବଂ ଟାଇପ୍-IV-6 ଗୋଟି), 11/0.416 KV 2X100KVA ସବ୍‌ଷ୍ଟେସନ, ପାୱାର ଲାଇନ୍ କ୍ରସିଙ୍ଗ୍ (Xing) ରୂପାନ୍ତରଣଜନିତ ଜେନେରାଲ ବିଦ୍ୟୁତୀକରଣ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟସମୂହ ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 5,11,18,260.82, EMD (ଟଙ୍କାରେ) : 4,05,600/-, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.12.06.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.06.2023 ରିଖ 1200 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଇ-ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ଭୁବନେଶ୍ୱର

PR-33/CG/23-24

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.15/ET/SBP/ENGG/ 2023-24, ତା.01.06.2023ରିଖ

(1)ଇ-ଟେଣ୍ଡର ସଂ.02-eT-DENW-SBP-23

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଖୋଲି-ଲଖନା ସେକ୍ସନ ମଧ୍ୟରେ RV-91 ଠାରେ ପ୍ରବେଶ ପଥ ଏବଂ RV-62 ଠାରେ RCC ୱାଲ ର ବ୍ୟବସ୍ଥା ସହିତ ଲେଭେଲ କ୍ରସିଙ୍ଗ୍ ନଂ.RV-20, RV-33, RV-41, RV-43, RV-48, RV-61 ଏବଂ RV-85 ଠାରେ ଅଭାବ ଅନୁଯାୟୀ ରୋଡ୍ ଅଣ୍ଡର ବ୍ରିଜ୍ (RUB) / ଉପ ମାର୍ଗଗୁଡ଼ିକ ନିମନ୍ତେ ଡ୍ରେନ୍, କଭର ସେଡ୍, ଜଏଣ୍ଟ ଏବଂ ସମ୍ପଗୁଡ଼ିକର ସିଲିଙ୍ଗ୍ ଭଳି ବିଭିନ୍ନ ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ଜଳ ନିଷ୍କାସନ (Drainage)ର ଉନ୍ନୟନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 30,04,80,653.93, ବିଡ୍ ସିକ୍ୟୁରିଟି (ଟଙ୍କାରେ): 16,52,500/- ।

(2)ଇ-ଟେଣ୍ଡର ସଂ.03-eT-DENW-SBP-23

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବିଭିନ୍ନ ସେକ୍ସନଗୁଡ଼ିକ ସ୍ଥିତ ଲେଭେଲ କ୍ରସିଙ୍ଗ୍ ନଂ.RV-121, RV-127, RV-155, RV-157, RV-181, JT-73, JT-97, JT-115, JT-118, JT-125, ST-10 ଏବଂ ST-16 ଠାରେ ଅଭାବ ଅନୁଯାୟୀ ରୋଡ୍ ଅଣ୍ଡର ବ୍ରିଜ୍ (RUB)/ଉପ ମାର୍ଗଗୁଡ଼ିକ ନିମନ୍ତେ ଡ୍ରେନ୍, କଭର ସେଡ୍, ଜଏଣ୍ଟ ଏବଂ ସମ୍ପଗୁଡ଼ିକର ସିଲିଙ୍ଗ୍ ଭଳି ବିଭିନ୍ନ ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ଜଳ ନିଷ୍କାସନ (Drainage)ର ଉନ୍ନୟନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 30,01,33,181/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 16,50,700/- ।

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ଉଭୟ ଟେଣ୍ଡରଗୁଡ଼ିକ ନିମନ୍ତେ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.06.2023ରିଖ 1500 ଘଟିକାରେ (ଉଭୟ ଟେଣ୍ଡରଗୁଡ଼ିକ ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ସମ୍ବଲପୁର

PR-251/O/23-24

# ମୋଟର କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

**ଖଣ୍ଡପଡ଼ା,୧୦।୬(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ଘରୋଇ ମୋଟର କର୍ମଚାରୀ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଶୁକ୍ରବାର ପଥରଚକଡାସ୍ଥିତ ମା'ନାରାୟଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଶରତ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାଧାରଣ ସମ୍ପାଦକ ରଜତ କୁମାର ଦାସ ୨୦୨୨ ଜାନୁଆରୀ ୧୬ ସାଧାରଣ ଅଧିବେଶନର ବିବରଣୀ ପାଠ କରିଥିଲେ। ସଭାପତି ମହାରଣା ୨୦୨୨-୨୩ ଆର୍ଥିକ ବର୍ଷର ଆୟବ୍ୟୟ ହିସାବ କରିବା ସହିତ କର୍ମଚାରୀମାନଙ୍କ ପାରିଶ୍ରମିକ ବୃଦ୍ଧି ଓ ସଂଘର ଆର୍ଥିକ ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ବିରଞ୍ଚି ନାରାୟଣ ସାହୁ, ଅଜୟ କୁମାର ସାହୁ, ଷ୍ଟାଣ୍ଡ ସମ୍ପାଦକ ରବୀନ୍ଦ୍ର କୁମାର ଦାସ, ଚୈତନ୍ୟ ମଲ୍ଲିକ, ପ୍ରସନ୍ନ କୁମାର ମିଶ୍ର, ଭାସ୍କର ଚନ୍ଦ୍ର ସାହୁ, ବାବୁଲି ଦଳେଇ ପ୍ରମୁଖ ୨୫ ଜଣ ସଭ୍ୟ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।



ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ମୋଟର କର୍ମଚାରୀ ସଂଘର କର୍ମକର୍ତ୍ତା ।

# ରାଶନ କାର୍ଡ ଦୁର୍ନୀତିର ତଦନ୍ତ ନାହିଁ

**ନୟାଗଡ଼ ଅଫିସ/ଓଡ଼ଗାଁ,୧୦।୬(ସ୍ୱ.ପ୍ର.)**

ନୟାଗଡ଼ ଜିଲାରେ ଜାଲିଆତି ଓ ଚଞ୍ଚକତା କରି ଅନେକ ଅଯୋଗ୍ୟ ବ୍ୟକ୍ତି ରାଶନକାର୍ଡ ହାତେଇ ନେଇଥିବାର ଅଭିଯୋଗ ହୋଇ ଆସୁଛି । ଏହାର ତଦନ୍ତ ହେଉ ନ ଥିବାବେଳେ ଯୋଗ୍ୟ ଲୋକଙ୍କୁ ଯୋଜନାରେ ସାମିଲ କରିବାକୁ ପଦକ୍ଷେପ ନିଆଯାଉ ନଥିବା ଅନୁରୂପ ଅଭିଯୋଗ ରହିଛି । ଅଧିକାଂଶ ଗରିବ, ଖଟିଖିଆ, ମେହନତି ମଣିଷ ବାରମ୍ବାର ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ବିଡିଓ, ଜିଲା ଯୋଗାଣ ଅଧିକାରୀ ଓ ଅଭିଯୋଗ ଶୁଣାଣୀକୁ ବାରମ୍ବାର ଆସି ଅଭିଯୋଗ, ପ୍ରତିବାଦ କରି ସୁଫଳ ପାଉ ନାହାନ୍ତି । ଏଣୁ ଯୋଗ୍ୟ ହିତାଧିକାରୀ ଗରିବ ମାପଦଣ୍ଡକୁ ପୂରଣ କରି ଯୋଜନାରେ ସାମିଲ ହୋଇ ପାରୁ ନ ଥିବାରୁ ଅଭିଶପ୍ତ ଜୀବନଯାପନ କରି ଅସନ୍ତୋଷ ଓ କ୍ଷୋଭ ପ୍ରକାଶ କରି ଆସୁଛନ୍ତି ।

ଜିଲାରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୭ ହଜାର ୩୩୩ ପରିବାର, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨ ଲକ୍ଷ ୧୫ ହଜାର ୫୦୫ ପରିବାର, ଅନ୍ତୋଦୟ ଯୋଜନାରେ ୨୯ ହଜାର ୩୦ ପରିବାର ଏପରି ମୋଟରେ ୨ ଲକ୍ଷ ୨୨ ହଜାର ୮୩୮ ପରିବାର ରାଶନ ସାମଗ୍ରୀ ଉଠାଉଛନ୍ତି । ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୭ ହଜାର ୩୩୩ ପରିବାର ରାଶନ କାର୍ଡ ପାଇଥିବାବେଳେ ଏଥିରୁ ଭାପୁର ବ୍ଲକର ୧୧୧୩, ଦଶପଲ୍ଲା ବ୍ଲକ ୭୫୭, ଗଣିଆ ବ୍ଲକର ୧୪୭, ଖଣ୍ଡପଡା ବ୍ଲକରେ ୧୦୯୬, ଖଣ୍ଡପଡ଼ା ଏନଏସି ୯, ନୟାଗଡ଼ ବ୍ଲକ ୯୦୭, ନୟାଗଡ଼ ମ୍ୟୁନିସିପାଲିଟି ୬୫, ନୂଆଗାଁ ବ୍ଲକ ୧୦୭୮, ଓଡ଼ଗାଁ ବ୍ଲକ ୯୬୮, ରଣପୁର ବ୍ଲକରେ ୧୧୯୩ ହିତାଧିକାରୀ ଅଛନ୍ତି । ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲାରେ ୨ ଲକ୍ଷ ୧୫ ହଜାର ୫୦୫ ପରିବାର ସାମିଲ ହୋଇ ରାଶନ କାର୍ଡ ପାଇଛନ୍ତି । ଏଥିରେ ଭାପୁର ବ୍ଲକରେ ୨୩ ହଜାର ୩୧୨, ଦଶପଲ୍ଲା ବ୍ଲକରେ ୨୨ ହଜାର ୮୭୬, ଗଣିଆ ବ୍ଲକରେ ୮ ହଜାର ୭୦୬, ଖଣ୍ଡପଡ଼ା ବ୍ଲକରେ ୨୩ ହଜାର ୫୬୨, ଖଣ୍ଡପଡ଼ା ଏନଏସିରେ ୧୭୦୦, ନୟାଗଡ ବ୍ଲକରେ ୩୪ ହଜାର ୫୭୭, ନୟାଗଡ ମୁନିସିପାଲିଟିରେ ୨୦୨୫, ନୂଆଗାଁ ବ୍ଲକରେ ୨୨ ହଜାର ୨୬୨, ଓଡଗାଁ ବ୍ଲକରେ ୩୯ ହଜାର ୪୭୦, ରଣପୁର ବ୍ଲକରେ ୩୭ ହଜାର ୧୫ ରାଶନ କାର୍ଡ ପାଇଛନ୍ତି । ଅନ୍ୟପକ୍ଷେ ଅନ୍ତୋଦୟ କାର୍ଡ ୨୯ ହଜାର ୩୦ ପରିବାର ପାଇଛନ୍ତି। ଏଥିରେ ଭାପୁର ବ୍ଲକରେ ୩ ହଜାର ୨୬୧, ଦଶପଲ୍ଲା ବ୍ଲକରେ ୩ ହଜାର ୩୮୧, ଗଣିଆ ବ୍ଲକରେ ୧୨୫୨, ଖଣ୍ଡପଡା ବ୍ଲକରେ ୩ହଜାର ୭୪, ଖଣ୍ଡପଡା ଏନଏସିରେ ୨୩୩, ନୟାଗଡ ବ୍ଲକରେ ୪ ହଜାର ୩୯୧, ନୟାଗଡ଼ ମ୍ୟୁନିସିପାଲିଟିରେ ୪୨୮, ନୂଆଗାଁ ବ୍ଲକରେ ୩୧୮୮, ଓଡଗାଁ ବ୍ଲକରେ ୪ ହଜାର ୫୮୩, ରଣପୁର ବ୍ଲକରେ ୫ ହଜାର ୨୩୯ ଜଣ ଅନ୍ତୋଦୟ କାର୍ଡ ପାଇଛନ୍ତି ।

- ଅଯୋଗ୍ୟ ହାତେଇଛନ୍ତି ରାଶନ କାର୍ଡ
- ଯୋଗ୍ୟ ହିତାଧିକାରୀ ସାମିଲ ନ ହୋଇ ପାରି ନିରାଶ
- ଆପତ୍ତି, ଅଭିଯୋଗ ସତ୍ତ୍ୱେ ମିଳୁନି ସୁଫଳ

## ଜିଲା ପରିଷଦ, ସମିତି ସଭ୍ୟ ନେଉଛନ୍ତି ରାଶନ ସାମଗ୍ରୀ

ଓଡ଼ଗାଁ ବ୍ଲକର କୁରାଳ ପଞ୍ଚାୟତରେ ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟା, ଠିକାଦାର, ଅଧ୍ୟାପକ ରାଶନ କାର୍ଡ ହାତେଇ ଗରିବଙ୍କ ପେଟକୁ ନାତ ମାରୁଛନ୍ତି ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ଛାତ୍ର କଂଗ୍ରେସ ସଭାପତି ଦିଲିପ କୁମାର ବିଶୋଇ ଏହି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରି ଜିଲାପାଳ ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

## ପୁଣି ସର୍ଭେ ହେବା ଦରକାର

୨୦୧୦ରେ ରାଶନ କାର୍ଡ କରାଯାଇଥିଲା । ୨୦୧୦ରୁ ୨୦୨୩ ମଧ୍ୟରେ ଅନେକ ଗରିବ ଲୋକ ଧନୀ ହୋଇଛନ୍ତି । ପୁଣି ଧନୀ ମଧ୍ୟ ଗରିବ ହୋଇଛନ୍ତି । ତେବେ ରାଶନ କାର୍ଡର ପୁନଃ ସର୍ଭେ ହୋଇ ନ ଥିବାରୁ ଯେଉଁମାନେ ଯୋଜନାର ସୁଫଳ ପାଉଛନ୍ତି ସେମାନେ ହାତଛଡା କରିବାକୁ ଆଗ୍ରହୀ ନାହାନ୍ତି । ମଝିରେ ସରକାର ରାଶନ କାର୍ଡ କ୍ଷେତ୍ରରେ କଠୋର ନୀତି ଆପଣେଇ ଥିବାରୁ ଅନେକ ଭୟଭୀତ ହୋଇ କାର୍ଡ ଫେରାଇଥିଲେ । ଏଭଳିସ୍ଥଳେ ଯଦି କେହି ଧନୀ ଲୋକ ଯୋଜନାର ସୁଫଳ ପାଉଛନ୍ତି ସେମାନେ ରାଶନ କାର୍ଡ ଫେରାଇ ଦେବା ଦରକାର । ବାଦ ପଡିଥିବା ଗରିବ, ଖଟିଖିଆ, ମେହନତି ମଣିଷକୁ ଯୋଜନାରେ ସାମିଲ କରିବା ଦରକାର ବୋଲି ଜିଲାପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି । ଜିଲା ଯୋଗାଣ ଅଧିକାରୀ ତିଳୋତମା ପ୍ରଧାନ କୁହନ୍ତି କୁରାଳରେ ରାଶନ କାର୍ଡରେ ଅଯୋଗ୍ୟ ହିତାଧିକାରୀ ଯୋଜନାର ସୁଫଳ ପାଉଥିବା ନେଇ ଅଭିଯୋଗ ପାଇ ନାହାନ୍ତି । ତେବେ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ।

## ସଂକ୍ଷେପରେ

### ଘରୁ ଲକ୍ଷାଧିକ ଟଙ୍କା, ଅଳଙ୍କାର ଚୋରି

ବାସୁଦେବପୁର,୧୦।୬(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆର୍ଡୁ ପଞ୍ଚାୟତ ଜିରେଇଗଡ଼ି ଗ୍ରାମର ଦାଶରଥି ଅଗସ୍ତୀଙ୍କ ଘରୁ ଶୁକ୍ରବାର ଚୋରି ହୋଇଛି। ଘରେ କେହି ନ ଥିବାବେଳେ ଏହାର ସୁଯୋଗ ନେଇ ଚୋରମାନେ ପଶି ଲକ୍ଷାଧିକ ଟଙ୍କାର ଅଳଙ୍କାର ସହ ନଗଦ ଲକ୍ଷାଧିକ ଟଙ୍କା ଓ ଏକ ଲାପ୍‌ଟପ୍ ଚୋରି କରି ନେଇଛନ୍ତି। ଏ ସମ୍ପର୍କରେ ଶନିବାର ଜଣାପଡ଼ିବା ପରେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରାଜନଗର,୧୦।୬(ଡି.ଏନ୍.ଏ.): ନିମ୍ନ ମାଧ୍ୟମିକ ସଂଘର ଲଡୁଆ ସାଥି ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ମଲିକ ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ପୈତୃକ ଗାଁ ବଡପଲ୍ଲୀରେ ଅନ୍ତିମ ସଂସ୍କାର କରାଯାଇଛି। ସେ ଜଣେ ବନ୍ଧୁ ଓ ଛାତ୍ର ବତ୍ସଳ ଶିକ୍ଷକ ଥିଲେ। ତାଙ୍କ ବିୟୋଗରେ ରାଜନଗର ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ବିଜୟ ଜେନା, ଚିତ୍ତ ରଞ୍ଜନ ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଦେଢ଼ବର୍ଷରେ ପଡ଼ିରହିଛି ୮୧୩ ଅଭିଯୋଗ

## ଏସ୍‌ଏସ୍‌ଇପିଡି ଜନଶୁଣାଣି ପୋର୍ଟାଲ

■ ଭତ୍ତା ପାଇବାରୁ ବଞ୍ଚିତ ବାସ୍ତବ ହିତାଧିକାରୀ

ଯାଜପୁର ଅଫିସ,୧୦।୬

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ଇପିଡି) ଜନଶୁଣାଣି ପୋର୍ଟାଲରେ ମାତ୍ର ଦେଢ଼ବର୍ଷରେ ସମୁଦାୟ ୮୧୩ ଅଭିଯୋଗ ପଡ଼ିରହିଛି। ବିଶେଷକରି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଏଥିରେ ରହିଛି। କେତେକ ଅଞ୍ଚଳରେ ଭେଣ୍ଡିଆ ଟୋକା ଭତ୍ତା ପାଉଥିବାବେଳେ ଅନ୍ୟ କେତେକ ଅଞ୍ଚଳରେ ବାସ୍ତବ ହିତାଧିକାରୀ ଭତ୍ତା ଅପେକ୍ଷାରେ ରହିଛନ୍ତି। ୬୦ରୁ ଊର୍ଦ୍ଧ୍ୱ ବୟସ୍କ ବୃଦ୍ଧାବୃଦ୍ଧ ଭତ୍ତା ନ ପାଇ ଅସହାୟ ଜୀବନ ବିତାଉଥିବା ନଜିର ରହିଛି। ଏଭଳି ଅଭିଯୋଗଗୁଡ଼ିକର ସମାଧାନ କରିବାରେ ସରକାର ବିଫଳ ହୋଇଛନ୍ତି। ଏହିକ୍ରମରେ ଏସ୍‌ଏସ୍‌ଇପିଡି ପକ୍ଷରୁ ଅନୁସଚିବ ଜେ. ପଦ୍ମିନୀ ୯।୬।୨୩ରେ ଅଗ୍ରାଧିକାର ଭିତ୍ତିରେ ଅଭିଯୋଗଗୁଡ଼ିକର ପ୍ରତିକାର କରିବାକୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଏବଂ ସମସ୍ୟାର ସମାଧାନ ହେଉଛି ଜିଲା ପ୍ରଶାସନର ଏକ ଅଂଶ ବିଶେଷ। ଲୋକମାନଙ୍କ ସମସ୍ୟାଗୁଡ଼ିକୁ ତ୍ୱରିତ ସମାଧାନ କରି ପରିଚାଳନାରେ ସ୍ୱଚ୍ଛତା ଆଣିବା ଅଭିଯୋଗ ଶୁଣାଣି ପ୍ରକ୍ରିୟାର ଉଦ୍ଦେଶ୍ୟ। ଫଳରେ ପ୍ରଶାସନ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହେବା ସହ ଏକ ଦକ୍ଷ ଓ ପ୍ରଭାବଶାଳୀ ଅଭିଯୋଗ ସମାଧାନ ପ୍ରଣାଳୀ ପ୍ରତିଷ୍ଠା ହୋଇପାରିବ। ଏସ୍‌ଏସ୍‌ଇପିଡିରୁ ମିଳିଥିବା ସୂଚନା ଅନୁସାରେ ୧।୧।୨୦୨୨ରୁ ୩।୬।୨୦୨୩ ପର୍ଯ୍ୟନ୍ତ ରାଜ୍ୟର ୩୦ ଜିଲାରୁ ୪୩୨୩ଟି ବିଭିନ୍ନ ଅଭିଯୋଗ ଗ୍ରହଣ କରାଯାଇଛି। ସେଥିରୁ ୩୪୪୨ଟି ଅଭିଯୋଗର ସମାଧାନ ହୋଇଥିବାବେଳେ ୮୧୩ଟି ପଡ଼ିରହିଛି। ଅନ୍ୟ ୬୮ଟି ଅଭିଯୋଗର ରଦ୍ଦ କରାଯାଇଛି। ଏହିସବୁ ଅଭିଯୋଗଗୁଡ଼ିକ ଜନଶୁଣାଣି ପବ୍ଲିକ ଗ୍ରିଭାନ୍ସ ରିଡ୍ରେସେଲ ପୋର୍ଟାଲରେ କେବଳ ଗଡୁଛି। ଏଥିରୁ ଅନ୍ୟ ବିଭାଗଗୁଡ଼ିକରେ ମଧ୍ୟ ଶତାଧିକ ଅଭିଯୋଗ ବିଚାର କରାଯାଉ ନ ଥିବାରୁ ବାସ୍ତବ ହିତାଧିକାରୀମାନେ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ରହୁଥିବା ମତପ୍ରକାଶ ପାଇଛି।

ମଧୁବାବୁ ପେନସନ ଯୋଜନା, ବିଧବାଭତ୍ତା ଓ ଭିନ୍ନକ୍ଷମ ଭତ୍ତା ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ସାମ୍ନାକୁ ଆସୁଛି। ବାର୍ଦ୍ଧକ୍ୟଭତ୍ତା ପାଇଁ ଆଇନ ଅନୁଯାୟୀ ୬୦ ବର୍ଷ ହୋଇ ନ ଥିବା ଏକାଧିକ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିବା ପୂର୍ବରୁ ଯାଜପୁର ଜିଲା ବଡଚଣା ବ୍ଲକର ଗ୍ରାମବାସୀ ତଥ୍ୟଭିତ୍ତିକ ରିପୋର୍ଟ ସହ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଉପସଚିବ ମଦନମୋହନ ବେହେରା ତୁରନ୍ତ ଅଭିଯୋଗର ତଦନ୍ତ କରି ବାର୍ଦ୍ଧକ୍ୟ ଭତ୍ତା ଗାଇଡ୍‌ଲାଇନ ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ୩୦।୯।୨୦୨୨ରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ ଏହି ଦୁର୍ନୀତି ଅଭିଯୋଗ ଉପରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଖବର ମିଳି ପାରିନାହିଁ।

ଜିଲାସ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଡିଜିଟାଲ ମାଧ୍ୟମରେ ଭତ୍ତା ପ୍ରଦାନ କରିବାକୁ ସରକାରଙ୍କ ନିର୍ଦ୍ଦେଶ ଜାରି ହୋଇଛି। ହେଲେ ଏବେବି ଜିଲାରେ ଭତ୍ତା ଟଙ୍କା ହରିଲୁଟ କରିବାକୁ କେତେଜଣ ଅସାଧୁ କର୍ମଚାରୀ ଡିଜିଟାଲ ମାଧ୍ୟମକୁ ଗ୍ରହଣ କରିବାକୁ ରାଜି ହୋଇନାହାନ୍ତି। ଏହିକ୍ରମରେ ୪ରୁ ୫ ବର୍ଷ ହେବ ବହୁ ହିତାଧିକାରୀଙ୍କ ମୃତ୍ୟୁ ହୋଇସାରିଥିଲେ ହେଁ କେତେଜଣ ପ୍ରଭାବଶାଳୀଙ୍କ ଇଙ୍ଗିତରେ ନକଲି ଟିପ ଚିହ୍ନ ଦେଇ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଣ କରାଯାଉଥିବା ଅଭିଯୋଗ ରହିଛି। ଏହା ପୂର୍ବରୁ ୨୦୧୯ ଅଗଷ୍ଟରେ ବିଞ୍ଝାରପୁର ବ୍ଲକରେ ମୃତ ବ୍ୟକ୍ତି ଆକ୍ୟୁଟାନ୍ସ ରିପୋର୍ଟରେ ଟିପ ଚିହ୍ନ ଦେଇ ବିଭିନ୍ନ ଭତ୍ତା ଯୋଜନାରେ ହିତାଧିକାରୀ ପିଛା ମାସକୁ ୫୦୦, ୭୦୦ ଓ ୧୦୦୦ ଟଙ୍କା ଲେଖାଏ ଉଠାଣ ହୋଇଥିବା ଅଭିଯୋଗ ହୋଇଥିଲା। ୨୦ରୁ ଊର୍ଦ୍ଧ୍ୱ ଜଣ ମୃତ ବ୍ୟକ୍ତିଙ୍କ ନାମରେ ସରପଞ୍ଚଙ୍କ ଜଣେ ନିକଟତମ ବ୍ୟକ୍ତି ଟିପ ଚିହ୍ନ ଦେଇ ୫ ବର୍ଷ ହେଲା ହରିଲୁଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। କିନ୍ତୁ ଉଚ୍ଚପଦାଧିକାରୀ ଅତି ଚତୁରତାର ସହ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେବାରୁ ଅଭିଯୋଗ ମାମଲା ଫାଇଲ ତଳେ ଦବି ଯାଇଥିଲା। ଜିଲାରେ ତୃଣମୂଳସ୍ତରରୁ ଆରମ୍ଭ କରି ଉଚ୍ଚପଦସ୍ଥ ପର୍ଯ୍ୟନ୍ତ ଯାହାର ଯେତିକି କ୍ଷମତା ସେହି ଅନୁପାତରେ ଏଭଳି ହରିଲୁଟ କରିବା ବର୍ତ୍ତମାନ ଚିନ୍ତାର କାରଣ ହୋଇଛି ବୋଲି ମତପ୍ରକାଶ ପାଇଛି।

### କନିକା ଓକିଲ ସଂଘ ପକ୍ଷରୁ ୮୩ ୟୁନିଟ୍ ରକ୍ତ ସଂଗ୍ରହ

ରାଜକନିକା,୧୦।୬(ଡି.ଏନ.ଏ.): ବାହାନଗାଠାରେ ରେଳ ଦୁର୍ଘଟଣାରେ ଆହତ ଯାତ୍ରୀମାନେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରକ୍ତ ଅଭାବରୁ ସେମାନଙ୍କ ମଧ୍ୟରୁ କାହାର ଯେପରି ମୃତ୍ୟୁ ନ ଘଟେ ଏହି ଚିନ୍ତାଧାରା ନେଇ ଶନିବାର କନିକା ବାର ଆସୋସିଏଶନ ପକ୍ଷରୁ ସ୍ଥାନୀୟ ରାଜସ୍ୱ ଅତିଥି ଭବନ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଡାକ୍ତର ଆଶିଷ ବାରିକ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ କପିଳେନ୍ଦ୍ର ମଲିକ, କୃଷ୍ଣଚନ୍ଦ୍ର ପଣ୍ଡା, ଫକୀର ଚରଣ ପ୍ରଧାନ, ଶରତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ନେତାଜୀ କ୍ଲବ ତରାସ, ସମ୍ଭାବନା ରାଜକନିକା, ସଂଯୋଗ ଫାଉଣ୍ଡେଶନ, ଟିମ ହ୍ୟୁମାନିଟି, ରାଣୀ ରାଉତ ଫାଉଣ୍ଡେଶନ, ଜୟନଗର ପଞ୍ଚାୟତ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ କମିଟି, କାଟଣା ଟିକେ ହାଇସ୍କୁଲର ଆଲୁମିନି କମିଟି, ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କନିକା ବ୍ଲକ ମିଳିତ ଅମଲା ମଞ୍ଚ ଓ କନିକା ତହସିଲ କାର୍ଯ୍ୟାଳର ସମସ୍ତ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୮୩ ୟୁନିଟି ରକ୍ତ ସଂଗୃହିତ ହୋଇଥିଲା।

# ବଡ଼ଚଣା ବିକାଶ ପରିଷଦ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା



ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଉଛି ।

ବାଲିଚନ୍ଦ୍ରପୁର,୧୦।୬(ସ୍ୱ.ପ୍ର.): ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ବହୁ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ବଡ଼ଚଣା ବିକାଶ ପରିଷଦର ଅଧ୍ୟକ୍ଷ ଚିନ୍ମୟ ପ୍ରଧାନ (ଚିକୁ)ଙ୍କ ନିର୍ଦ୍ଦେଶ ମତେ ପରିଷଦ ପକ୍ଷରୁ ମୃତକଙ୍କ ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ବାଲିଚନ୍ଦ୍ରପୁର ଜଗନ୍ନାଥ ମନ୍ଦିରରେ କ୍ଲବର କର୍ମକର୍ତ୍ତା ସମବେତ ହୋଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅମର ଅତ୍ମାମାନଙ୍କ ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରିବା ସହ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାଲିଚନ୍ଦ୍ରପୁର ବଜାର ପରିକ୍ରମା କରି ତାରିଣୀ ମନ୍ଦିର ପାଖରେ ପହଞ୍ଚିଥିଲେ। ବିକାଶ ପରିଷଦର ସମ୍ପାଦକ ସୁମନ୍ତ ଜେନା ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କ ସେବାମୂଳକ କାର୍ଯ୍ୟ ଓ ରକ୍ତଦାନକୁ ପ୍ରଶଂସା କରିବା ସହ ଆହାତଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେଦାର ଚନ୍ଦ୍ର ମିଶ୍ର, ଜ୍ୟୋତିରଞ୍ଜନ ମିଶ୍ର, ଦିଲୀପ ଦାସ, କରୁଣାକର ନାୟକ, ରାଜେଶ ବେହେରା, ଅବିନାଶ ବାରିକ ଓ ଚନ୍ଦ୍ରମଣି ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# ବଡ଼ଚଣା ବ୍ଲକରେ ୫୦ରୁ ଊର୍ଦ୍ଧ୍ୱ ପଦବୀ ଖାଲି

## ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ଚଣ୍ଡିଖୋଲ,୧୦।୬(ଡି.ଏନ.ଏ.)



ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ।

ଯାଜପୁର ଜିଲାର ବଡ଼ଚଣା ବ୍ଲକ ଓଡ଼ିଶାର ଦ୍ୱିତୀୟ ସର୍ବବୃହତ ବ୍ଲକ। ଏହି ଗୋଟିଏ ବ୍ଲକକୁ ନେଇ ଗୋଟିଏ ବିଧାନସଭା ନିର୍ବାଚନମଣ୍ଡଳୀ। ୪୩ ପଞ୍ଚାୟତକୁ ନେଇ ହୋଇଥିବା ଏହି ବ୍ଲକରେ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହୋଇଛି। ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଠାରେ ୫୦ରୁ ଊର୍ଦ୍ଧ୍ୱ ପଦବୀ ଖାଲିପଡ଼ିଛି। ବ୍ଲକ୍‌ରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ୪୩ ଜଣଙ୍କ ଆବଶ୍ୟକତା ଥିବାବେଳେ ବର୍ତ୍ତମାନ ମାତ୍ର ୨୩ଜଣ ଅଛନ୍ତି। ସେହିଭଳି ଗ୍ରାମ ରୋଜଗାର ସେବକ ପଦବୀ ପାଇଁ ୪୩ର ଆବଶ୍ୟକତା ଥିବାବେଳେ ମାତ୍ର ୨୩ଜଣ କାର୍ଯ୍ୟ କରୁଛନ୍ତି। ଜଣେଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ୨/୩ଟି ପଞ୍ଚାୟତ ଦାୟିତ୍ୱରେ ରହୁଛନ୍ତି। ୯ଜଣ କନିଷ୍ଠ ଯନ୍ତ୍ରୀଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୬ଜଣ ଅଛନ୍ତି। ଯେଉଁଥିରେ ତିନୋଟି ପଦବୀ ଖାଲିପଡ଼ିଛି। ଗ୍ରାମ ପଞ୍ଚାୟତ ଟେକ୍ନିକାଲ ଆଶିଷ୍ଟାଣ୍ଟ୍(ଜିପିଟିଏ) ପଦବୀ ବ୍ଲକରେ ୫ଟି ଥିଲାବେଳେ ଜଣେ ବି ଜିପିଟିଏ ନାହାନ୍ତି। ସେହିଭଳି ବ୍ଲକରେ ୩ଜଣ ବରିଷ୍ଠ କିରାଣିଙ୍କ ଆବଶ୍ୟକତା ରହିଥିବାବେଳେ ମାତ୍ର ଜଣେ ବରିଷ୍ଠ କିରାଣି ଏହି କାମ ଚଳାଉଛନ୍ତି। କନିଷ୍ଠ କିରାଣିଙ୍କ ସଂଖ୍ୟା ୫ ରହିଥିବାବେଳେ ମାତ୍ର ଦୁଇ ଜଣ ରହିଛନ୍ତି। ଯେଉଁଥି ପାଇଁ ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ଯୋଜନା ରୂପାୟନ ହେବାରେ ବାଧକ ସୃଷ୍ଟି କରିଛି। ଯଦି ଏହି କର୍ମଚାରୀଙ୍କ ସ୍ଥାନ ପୂରଣ କରା ନ ଯାଏ ତେବେ ବହୁ ସମସ୍ୟା ସୃଷ୍ଟି ହେବ ବୋଲି ବୁଦ୍ଧିଜୀବୀ କହିଛନ୍ତି।

ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ମୁଁ ଏଠାକୁ ଆସିବା ପରେ ମେ' ୬ ତାରିଖରେ ଯାଜପୁର ଜିଲାପାଳଙ୍କୁ ଚିଠି ଲେଖି ଆବଶ୍ୟକ ସଂଖ୍ୟକ କର୍ମଚାରୀ ଯୋଗାଇ ଦେବା ପାଇଁ ଅନୁରୋଧ କରିଛି। ଯଦି ଜିଲାପାଳ କର୍ମଚାରୀଙ୍କ ପଦବୀ ପୂରଣ କରିବେ ତେବେ କୌଣସି କାର୍ଯ୍ୟରେ ବାଧା ଉପୁଜିବ ନାହିଁ।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୭୪ ହଜାର ଦାନ

ବନ୍ତ,୧୦।୬ (ଡି.ଏନ୍.ଏ.)

ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ପରିବାର ଓ ଆହତମାନଙ୍କୁ ସହାୟତା ଉଦ୍ଦେଶ୍ୟରେ ଭଦ୍ରକ ଜିଲା ବନ୍ତ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ଉପାଧ୍ୟକ୍ଷା, ବିଡିଓଙ୍କ ସମେତ ସମସ୍ତ କର୍ମଚାରୀ ୭୪ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ବିଡିଓ ପ୍ରଦୀପ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ, କନିଷ୍ଠ ଯନ୍ତ୍ରୀ ସୁପ୍ରଭା ପ୍ରଧାନ, ସାମାଜିକ ସୁରକ୍ଷା ବିଭାଗର ଭାରପ୍ରାପ୍ତ ଅଧିକାରୀ ନିଶାକର ଖୁଣ୍ଟିଆ ପ୍ରମୁଖ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ୭୪ ହଜାର ଟଙ୍କାର ଡ୍ରାଫ୍ଟ ପ୍ରଦାନ କରିଛନ୍ତି।

# ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଲେ ଜିଲାପାଳ

## ଜାରକାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ପୂର୍ବତନ ବିଧାୟକଙ୍କ ଦାବି ପ୍ରସଙ୍ଗ

ଧର୍ମଶାଳା,୧୦।୬(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଜାରକା ବସ୍‌ଷ୍ଟାଣ୍ଡଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ନେଇ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଜିଲାପାଳଙ୍କ ନିକଟରେ ଦାବି କରିବା ପରେ ଜିଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଜାରକା ଫ୍ଲାଏଓଭର ବ୍ରିଜ୍‌ର ଦୁଇ ପାର୍ଶ୍ୱରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଭାରତୀୟ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ବାଲେଶ୍ୱରଙ୍କୁପତ୍ର ସଂଖ୍ୟା ୨୩୭୪/ ତା୦୧।୦୬।୨୦୨୩ରେ ଜଣାଇଛନ୍ତି। ନିର୍ମାଣ କାର୍ଯ୍ୟରେ ଯଦି କିଛି ବାଧା ଉପୁଜେ ତେବେ ଧର୍ମଶାଳା ତହସିଲଦାରଙ୍କୁ ଏନେଇ ଜଣାଇବାକୁ ଜିଲାପାଳ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଧର୍ମଶାଳା ତହସିଲଦାର ଏବଂ ପୂର୍ବତନ ବିଧାୟକ ଲାବଣ୍ୟଙ୍କୁ ଏନେଇ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ତେବେ ଜିଲାପାଳ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ତ୍ୱରିତ ପଦକ୍ଷେପ ନେଇଥିବାରୁ ପୂର୍ବତନ ବିଧାୟକ ଲାବଣ୍ୟ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନା ମୁତାବକ, ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଜାରକା, ଜାରକା ଛକ ଜିଲାର ଏକ ପ୍ରମୁଖ ବ୍ୟବସାୟୀ ସ୍ଥଳ। ଜାରକା ବସ୍‌ଷ୍ଟପେଜରୁ କଟକ, ଭୁବନେଶ୍ୱର, ବାଲେଶ୍ୱର, ଭଦ୍ରକ, ଯାଜପୁର ଟାଉନ ଓ ଯାଜପୁରରୋଡ ଆଦି ବିଭିନ୍ନସ୍ଥାନକୁ ଯିବା ଆସିବା ପାଇଁ ଯାତ୍ରୀ ଅପେକ୍ଷା କରି ରହିଥାନ୍ତି। ସେହିପରି ଏଠାରେ ଥିବା ବ୍ଲକ ଅଫିସ୍, ତହସିଲ ଅଫିସ ସମେତ ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ର ଦେଖିବାକୁ ଜନସାଧାରଣ ବସ୍ ଯୋଗେ ଆସିଥାନ୍ତି। ହେଲେ ଯାତ୍ରୀ ପ୍ରତୀକ୍ଷାଳୟ ନ ଥିବାରୁ ସେମାନେ ଖରା ଓ ବର୍ଷାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ପୂର୍ବତନ ବିଧାୟକ ଲାବଣ୍ୟ ଗତ ମାସ ୨୪ ତାରିଖରେ ଯାଜପୁର ଜିଲାପାଳଙ୍କୁ ସାକ୍ଷାତ କରି ଜାରକା ଫ୍ଲାଏଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ।

# ବେତଣ୍ଡା ଜଗନ୍ନାଥ ମନ୍ଦିରରେ ଯଜ୍ଞ ଉତ୍ସବ

ରସୁଲପୁର,୧୦।୬(ଡି.ଏନ.ଏ.):



ଯଜ୍ଞକାର୍ଯ୍ୟ ସମ୍ପାଦନ କରାଯାଉଛି ।

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମର ବହୁପୁରାତନ (ପଞ୍ଚଦଶ ଶତାବ୍ଦୀ)ର ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରଠାରେ ୪ ଦିବସିୟ ଯଜ୍ଞ ଉତ୍ସବ ସମ୍ପନ୍ନ ହୋଇଛି। ଏହି ଅବସରରେ ପ୍ରଭୁ ଜଗନ୍ନାଥଙ୍କ ନବ କଳେବର ଓ ମନ୍ଦିର ପ୍ରତିଷ୍ଠା ଯଜ୍ଞ କରାଯାଇଛି। ଯଜ୍ଞ ମହୋତ୍ସବ ସ୍ଥାନୀୟ ଅଞ୍ଚଳର ବାରବାଟୀ, ସିଂହାପୁର, କଲଣ ଆଦି ପଞ୍ଚାୟତରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲ। ଉତ୍ସବର ପ୍ରଥମ ଦିବସରେ ଅଙ୍କୁରରୋପଣ, ଯଜ୍ଞଶାଳା ଶୋଧନ, ମଣ୍ଡଳ ନିର୍ମାଣ କରାଯାଇଥିଲା। ଦ୍ୱିତୀୟ ଓ ତୃତୀୟ ଦିନରେ ବୈଦିକ ମଙ୍ଗଳା ଚରଣ ପାଠ, ବେଦପଠ, ଗୀତା ପାଠ, ବିଷ୍ଣୁସହସ୍ର ନାମ ପାଠ, ସୂର୍ଯ୍ୟପୂଜା, ଗୋ ପୂଜା, ଯଜ୍ଞାଗ୍ନୀ ସ୍ଥାପନ, ଯଜ୍ଞ ନୃଷି ପୂଜା ଓ ହୋମ କରାଯାଇଥିଲା। ସନ୍ଧ୍ୟା ଓ ସକାଳ ସମୟରେ ଆଳତି ଉତ୍ସବ ଅତ୍ୟନ୍ତ ମନୋରମ ଥିଲା। ଭକ୍ତଙ୍କ ସମାଗମରେ ମନ୍ଦିର ପରିସର ଲୋକାରଣ୍ୟ ହୋଇଉଠିଥିଲା। ଭଜନ, ସଙ୍କୀର୍ତ୍ତନ, ଘଣ୍ଟଘଣ୍ଟା, ଶଙ୍ଖ, ବାଦ୍ୟ ଓ ଭକ୍ତଙ୍କ ହରିବୋଲ ହୁଳହୁଳି ଶବ୍ଦରେ ମନ୍ଦିର ପରିବେଶ ଫାଟି ପଡୁଥିଲା। ରାତ୍ର ୧୨ ଘଟିକା ପରେ ନୂତନ ବିଗ୍ରହଙ୍କ ନ୍ୟାସ ଓ ପୁରାତନ ବିଗ୍ରହଙ୍କ ପାତାଳି କରଯାଇଥିଲା। ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥ ଓ ପଣ୍ଡିତମାନଙ୍କ ଦ୍ୱାରା ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ପ୍ରଦାନ କରାଯାଇଥିଲା। ମୁକ୍ତିମଣ୍ଡପ ପଣ୍ଡିତ ସଭାର ପୂର୍ବତନ ଉପସଭାପତି ପଣ୍ଡିତ ବିଶମ୍ଭର ଦାଶ ଓ ପଣ୍ଡିତ ଆଲୋକ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀନିବାସ ପଣ୍ଡା, ସୌଭାଗ୍ୟ ଦାଶ, ତ୍ରିଲୋଚନ ପଣ୍ଡା, ଜଗଜ୍ୟୋତି ପଣ୍ଡା, ସନ୍ଦିପାନି ଦାଶ, ଅମର ପ୍ରସାଦ ପଣ୍ଡା, ପବିତ୍ର ଦାଶ, ପ୍ରଭୁପାଦ ରଥ, ଲୁଲା ପଣ୍ଡା ଓ ସୁମନ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କର୍ତ୍ତାଭାବେ ପ୍ରଶାନ୍ତ କୁମାର ନାୟକ ସପତ୍ନିକ ଓ ବାଇଧର ରାଉତ ସାପତ୍ନିକ ଦାୟିତ୍ୱ ନିର୍ବାହ କରିଥିଲେ। ନୂତନ ବିଗ୍ରହ ନିର୍ମାଣର ବିଶ୍ୱକର୍ମା ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପଣ୍ଡିତ ଆଲୋକ କୁମାର ପଣ୍ଡା, ପଣ୍ଡିତ ବିଶ୍ୱମ୍ଭର ଦାଶ ଦେବୋତ୍ତର ବିଭାଗ ପକ୍ଷରୁ ଦାୟିତ୍ୱବହନ କରୁଥିବାବେଳେ ରସୁଲପୁର ତହସିଲଦାର ନିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଓଦା ବର୍ଜ୍ୟବସ୍ତୁ ସୁପରିଚାଳନା ୟୁନିଟ୍ ବୁଲିଲେ

## ରସୁଲପୁର ବ୍ଲକ ଜନପ୍ରତିନିଧିଙ୍କ ବ୍ୟାସନଗର ପୌରାଞ୍ଚଳ ଗସ୍ତ

ରସୁଲପୁର,୧୦।୬(ଡି.ଏନ.ଏ.):



ବର୍ଜ୍ୟବସ୍ତୁ ସୁପରିଚାଳନା ୟୁନିଟ୍ ବୁଲି ଦେଖୁଛନ୍ତି ଜନ ପ୍ରତିନିଧି ।

ରସୁଲପୁର ବ୍ଲକ ଜନପ୍ରତିନିଧିମାନେ ବ୍ୟାସନଗର ପୌରାଞ୍ଚଳ ଗସ୍ତରେ ଯାଇ ଓଦା ବର୍ଜ୍ୟବସ୍ତୁ ସୁ-ପରିଚାଳନା ୟୁନିଟ୍‌କୁ ବୁଲି ଦେଖିବା ସହ ନିଜ ଅଞ୍ଚଳରେ ତାର ସଦ୍ ବ୍ୟବହାର ଓ ସୁ-ବିନିଯୋଗ ଉପରେ ମନୋନୀବେଶ କରିବା ସକାଶେ ପ୍ରୋତ୍ସାହିତ ହୋଇଛନ୍ତି। ଓଦା ବର୍ଜ୍ୟବସ୍ତୁ ଓ ମଳମୂତ୍ର ଟାଙ୍କିର ଉପାଦାନରୁ ଜୈବିକ ସାର ପ୍ରସ୍ତୁତ କରିବା ସହ ପାଣିକୁ କୃଷି ପାଇଁ ଜଳସେଚନ, କଳକାରାଖାନା ଉତ୍ପାଦିତ ଦ୍ରବ୍ୟକୁ ସଫା କରିବା, ଫୁଲ ଓ ଫଳ ବଗିଚାକୁ ପାଣି ଯୋଗାଇବା ଆଦିରେ ବ୍ୟବହାର ଉପରେ ସୂଚନା ଦିଆଯାଇଛି।

ଯାଜପୁର ଜିଲା ପ୍ରଶାସନ ଓ ଜିଲା ସ୍ୱଚ୍ଛଭାରତ ମିଶନ ତରଫରୁ ଜିଲାର ୧୦ ବ୍ଲକର ଜନ ପ୍ରତିନିଧିଙ୍କୁ ପର୍ଯ୍ୟାୟକ୍ରମେ ବ୍ୟାସନଗର ପୌରାଞ୍ଚଳସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା ୟୁନିଟ୍ ପରିଦର୍ଶନ ଓ ପ୍ରଶିକ୍ଷଣ ନେବା ଉଦ୍ଦେଶ୍ୟରେ ଏକ୍ସପୋଜର ଭିଜିଟ୍ କରିବାକୁ ପଠାଯିବାର କାର୍ଯ୍ୟକ୍ରମ ରହିଛି। ଏହିକ୍ରମରେ ପରିଦର୍ଶନ କାର୍ଯ୍ୟ ରସୁଲପୁର ବ୍ଲକରୁ ଆରମ୍ଭ ହୋଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂରାଠୋରଙ୍କ ନିର୍ଦ୍ଦେଶ ଓ ଜିଲା ପରିଷଦର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେଉରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ରସୁଲପୁର ବ୍ଲକ ଅତିରିକ୍ତ ବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ବ୍ଲକ ସ୍ୱଚ୍ଛ ଭାରତ ମିଶନ ପରିଚାଳିକା ଅପର୍ଣ୍ଣା ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ବ୍ଲକ ଅଧୀନସ୍ଥ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତରୁ ଜଣେ ଲେଖାଏ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ଏକ ପ୍ରତିନିଧି ଦଳ ବ୍ୟାସନଗର ପୌରପରିଷଦ ଅଧୀନ ବ୍ୟାସସରୋବର ନିକଟସ୍ଥ ବର୍ଜ୍ୟବସ୍ତୁ ପରିଚାଳନା ଓ ଜୈବିକଖତ ପ୍ରସ୍ତୁତ ପ୍ରଣାଳି ୟୁନିଟକୁ ବୁଲି ଦେଖିଥିଲେ। ୫୦୦୦ ଏକର ପରିଧି ଉପରେ ସ୍ଥାପିତ ବର୍ଜ୍ୟବସ୍ତୁ ସୁ-ପରିଚାଳାନା ୟୁନିଟ ସ୍ଥାପନ ପାଇଁ ପ୍ରାୟତଃ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ପୌରପରିଷଦ ଓ ଜିଲାର ବିଭିନ୍ନ ଅଞ୍ଚଳରୁ ପାଇଖାନା ଟାଙ୍କିର ବର୍ଜ୍ୟବସ୍ତୁ ଓ ପରିବାର ଚୋପା, ହୋଟେଲରୁ ବାହାରୁ ଥିବା ଖାଦ୍ୟପତ୍ର, ବଳକା ଖାଦ୍ୟ, ପଚା ଫଳ ଓ ପନିପରିବାକୁ କିପରି ଭାବେ ସଦ୍‌ବ୍ୟବହାର କରାଯାଇ ପାରୁଛି ସେ ସମ୍ପର୍କରେ ବ୍ୟାସନଗର ପୌରପରିଷଦ ନିର୍ବାହୀ ଅଧିକାରୀ ଦିପାଲୀ ଚକ୍ରବର୍ତ୍ତୀ ଜନପ୍ରତିନିଧିଙ୍କୁ ବୁଝାଇ କହିଥିଲେ। ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ତା'ର ସୁବିନିଯୋଗ କରିପାରିଲେ ପରିବେଶ ପ୍ରଦୂଷଣମୁକ୍ତ ରହିବ, ଘରକରଣା ସାମଗ୍ରୀ ପ୍ରସ୍ତୁତ ହୋଇପାରିବ, କୃଷିକ୍ଷେତ ଓ କଳକାରଖାନକୁ ପାଣି ଓ ଜୈବିକ ସାର ଯୋଗାଇ ଦିଆଯାଇ ପାରିବ, ଗ୍ରାମାଞ୍ଚଳର ବେକାରୀଙ୍କୁ ନିଯୁକ୍ତି ମିଳିବାର ସୁଯୋଗ ସୃଷ୍ଟି କରିପାରିବା ଭଳି ନାନା ପ୍ରକାରର ସୁବିଧା ମିଳିପାରିବ ବୋଲି ପରିଦର୍ଶନରେ ଆସିଥିବା ଜନପ୍ରତିନିଧି ଅବଗତ ହୋଇଥିଲେ। ଏହି ଧାରାରେ ଜିଲାର ଅନ୍ୟ ବ୍ଲକର ଜନପ୍ରତିନିଧି ଏହି ୟୁନିଟ୍ ପରିଦର୍ଶନ କରିବା ସହ ନିଜ ଅଞ୍ଚଳରେ ସମାନ ପ୍ରକାର ପ୍ଲାଣ୍ଟ ସ୍ଥାପନ କରିବା ଦିଗରେ ପ୍ରଚେଷ୍ଟା କରିବେ ବୋଲି କୁହାଯାଉଛି। ପରିଦର୍ଶନକାରୀଙ୍କ ମଧ୍ୟରେ ପ୍ରତ୍ୟେକ ପଞ୍ଚାୟତରୁ ସରପଞ୍ଚ ଓ ଜଣେ ଲେଖାଏ ୱାର୍ଡସଭ୍ୟଙ୍କୁ ଏହି ଟିମ୍‌ରେ ସାମିଲ କରାଯାଇଥିଲା।

## ସଂକ୍ଷେପରେ

### ସାହୁପଡ଼ାରେ ପାଗଳା ଶିଆଳ ଆତଙ୍କ

ଆଳି,୧୦।୬(ଡି.ଏନ୍.ଏ.): କେନ୍ଦ୍ରାପଡା ଜିଲା ଆଳି ଥାନା ଅଞ୍ଚଳରେ ଶିଆଳଙ୍କ ପାର୍ଦୁଭାବ ବଢ଼ିବାରେ ଲାଗିଛି। ରାତିରେ ଶତାଧିକ ଶିଆଳ ରାସ୍ତା ଘାଟରେ ବୁଲୁଥିବା ଦେଖିବାକୁ ମିଳିଛି । ଶନିବାର ସନ୍ଧ୍ୟାରେ ବଡାମ୍ବିଲା ପଞ୍ଚାୟତ ସାହୁପଡ଼ା ଗ୍ରାମରେ ପାଗଳା ଶିଆଳ ଏକ ଶିଶୁ ସମେତ ୪ ଜଣଙ୍କୁ କାମୁଡି ଖଣ୍ଡିଆ ଖାବରା କରିଛି। ଗ୍ରାମର ସାଇଶ୍ରୀ ରାଉତ (୪),ଦିବ୍ୟଶ୍ରୀ ରାଉତ(୧୫), ସ୍ନେହଲତା ରାଉତ(୬୧) ଓ ହଳଧର ପ୍ରଧାନ(୫୬)ଙ୍କୁ ଘରେ ପଶି କାମୁଡି ରକ୍ତାକ୍ତ କରିବା ପରେ ସମସ୍ତେ ଆଳି ଡାକ୍ତରଖାନା ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ମେଡିକାଲରେ ପର୍ଯ୍ୟାପ୍ତ ପରିମାଣରେ ଇଞ୍ଜେକଶନ ମହଜୁଦ ରଖିବା ସହ ଜଙ୍ଗଲ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ରେଳ ଦୁର୍ଘଟଣାଗ୍ରସ୍ତଙ୍କ ନିମନ୍ତେ ମିଶନ ଶକ୍ତିର ସହାୟତା

ବାଲିକୁଦା,୧୦।୬(ସ୍ୱ.ପ୍ର.): ବାଲେଶ୍ୱର ଜିଲା ବାହାନଗାଠାରେ ରେଳ ଦୁର୍ଘଟଣାରେ ଆହତ ଓ ମୃତକଙ୍କ ପରିବାରଗୁଡ଼ିକୁ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ବାଲିକୁଦା ବ୍ଲକ ମିଶନ ଶକ୍ତି ପକ୍ଷରୁ କର୍ମଚାରୀ ଓ ଏସ୍ଏଚ୍ଜି ସଦସ୍ୟାମାନେ ସହାୟତା ପ୍ରଦାନ କରିଛନ୍ତି। ସେମାନେ ୮୧ ହଜାର ଟଙ୍କା ସଂଗ୍ରହ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପ୍ରଦାନ କରିଛନ୍ତି। ପଞ୍ଚାୟତ ସମିତି ସଭାଗୃହରେ ମିଶନ ଶକ୍ତିର ବିପିସି ସତ୍ୟାର୍ଥ ପରିଡା, ଏସ୍ଡିସି ଦୀପକ ମହାନ୍ତି, ବିଏଲ୍ସି ଜ୍ୟୋତ୍ସ୍ନାରାଣୀ ନାୟକ, ଅନସୂୟା ମହାନ୍ତି, ସ୍ମୃତି ସରିତା ସ୍ୱାଇଁ ଶୁକ୍ରବାର ଏହି ଅର୍ଥ ରାଶି ବିଧାୟକ ବାଲିକୁଦା-ଏରସମା ରଘୁନନ୍ଦନ ଦାସଙ୍କୁ ପ୍ରଦାନ କରିଛନ୍ତି । ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଆତ୍ମା କମିଟି ଅଧ୍ୟକ୍ଷ ଜଟାଧାରୀ ଦାସ ଉପସ୍ଥିତ ଥିଲେ ।

### ସ୍ୱାଧୀନତା ସଂଗ୍ରାମୀ ନକୁଳ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା ଅଫିସ, ୧୦।୬: କେନ୍ଦ୍ରାପଡ଼ା ଜିଲା ସ୍ୱାଧୀନତା ସଂଗ୍ରାମୀ ସଂଘର ପୂର୍ବତନ ସଭାପତି ସହର ନିକଟ ଗୁଲନଗର ଗ୍ରାମର ନକୁଳ ଦାସଙ୍କ ତୃତୀୟ ଶ୍ରାଦ୍ଧ ଦିବସରେ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏଥିପାଇଁ ଏକ ସଭା ସହରର ସୁଜାନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ୍ ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଦାସଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା । ବିଧାୟକ ଶଶୀଭୂଷଣ ବେହେରା, ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି, ଯୁବନେତା ରାଜେଶ ପଣ୍ଡା, ଆଦିକନ୍ଦ ରାଉତ, ଦେବଦାସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସଭାକୁ ଗୟାଧର ଧଳ ପରିଚାଳନା କରିଥିଲେ ।

### ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ଅଭିଯୋଗରେ ୨ ଗିରଫ

କୋଡ଼ପଡ଼ା,୧୦।୬(ଡି.ଏନ୍.ଏ.): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ମୁଗୁପୁର ଉତ୍ତରେଶ୍ୱର ଶିବ ମନ୍ଦିର ହୁଣ୍ଡି ଭାଙ୍ଗିବା ଘଟଣାରେ ପୋଲିସ ୨ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ପଞ୍ଚୁଗୋଛିଆ ପଞ୍ଚାୟତ ବରଡ଼ି ଗ୍ରାମର ଜଗନ ଜେନା(୨୨) ଓ ବୃନ୍ଦାବନ ଜେନା(୨୫)। ଦୁର୍ବୃତ୍ତ ମୁଗୁପୁର ଉତ୍ତରେଶ୍ୱର ଶିବ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି କରିଥିଲେ। ଏ ନେଇ ମନ୍ଦିର କମିଟି ପକ୍ଷରୁ ଆନନ୍ଦପୁର ଥାନାରେ ଏକ ଏତଲା ଦିଆଯାଇଥିଲା। ଅଭିଯୁକ୍ତ ଦ୍ୱୟଙ୍କ ସୂଚନା ପାଇ ପୋଲିସ ବରଡ଼ିରେ ଚଢ଼ାଉ କରି ଦୁଇ ଭାଇଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ତାଙ୍କ ଠାରୁ ୫୯ ହଜାର ୨୪୬ ଟଙ୍କା ଜବତ ହୋଇଛି। ଥାନାରେ (ନଂ. ୧୧୩/୨୩) ମାମଲା ରୁଜୁ ହୋଇ କୋର୍ଟଚାଲାଣ କରାଯାଇଥିବା ଆନନ୍ଦପୁର ଥାନା ଅଧିକାରୀ ଦେବକୀ ନାୟକ କହିଛନ୍ତି।

### ଗଞ୍ଜେଇ ଜବତ,୨ ଗିରଫ

ଫିରିଙ୍ଗିଆ,୧୦।୬ (ଡି.ଏନ୍.ଏ.): ଫିରିଙ୍ଗିଆ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ନୂଆପଦର ଗାଁ ନିକଟ ଶିବ ମନ୍ଦିର ପାଖ ରାସ୍ତାକଡ଼ରୁ ଦୁଇ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଗଣିଆ ଥାନା ଅନ୍ତର୍ଗତ ଭଙ୍ଗାଝରି ଗ୍ରାମର ଚରଣ ନାନୟ, ବୌଦ୍ଧ ଜିଲା ଜତସିଙ୍ଗା ଗାଁର ଶେଷଦେବ ଦୀପ। ଅଭିଯୁକ୍ତମାନଙ୍କଠାରୁ ୧୦୫ କିଲୋ ଗଞ୍ଜେଇ ସହ ବିଭିନ୍ନ କମ୍ପାନୀର ବାଇକ୍ ଜବତ କରାଯାଇଛି। ଏ ନେଇ ଫିରିଙ୍ଗିଆ ଥାନାରେ ମାମଲା ରୁଜୁ ହୋଇଛି।

# ମଧୁବାବୁ ପେନସନ୍ ହିତାଧିକାରୀଙ୍କୁ ମିଳିବ ନଗଦ ଟଙ୍କା

## ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟି ବୈଠକ, ଜିଲାସ୍ତରୀୟ ସମୀକ୍ଷା

ଜଗତ୍ସିଂହପୁର ଅଫିସ, ୧୦।୬



ବୈଠକରେ ଜିଲାପାଳ ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଛନ୍ତି।

ଚଳିତ ମାସରୁ ମଧୁବାବୁ ପେନ୍ସନ୍ ଯୋଜନାର ହିତାଧିକାରୀଙ୍କୁ ନଗଦ ଟଙ୍କା ଆକାରରେ ପେନସନ୍ ଦିଆଯିବ। ୮୦ ବର୍ଷରୁ ଅଧିକ ବୟସର ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ହିତାଧିକାରୀଙ୍କୁ କର୍ମଚାରୀମାନେ ସେମାନଙ୍କ ଘରେ ଭତ୍ତା ରାଶି ପ୍ରଦାନ କରିବେ। ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ମଧ ୮୦ ବର୍ଷରୁ ଅଧିକ ବୟସର ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ହିତାଧିକାରୀଙ୍କୁ ବ୍ୟାଙ୍କ ପ୍ରତିନିଧିମାନେ ସେମାନଙ୍କ ଘରେ ପହଞ୍ଚି ଭତ୍ତା ରାଶି ଦେବେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍ଭାବନା ସଭାଗୃହରେ ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟି ଓ ଜିଲାସ୍ତରୀୟ ସମୀକ୍ଷା କମିଟି ବୈଠକରେ ଜିଲାପାଳ ପାରୁଲ ପଟ୍ଟୱାରି ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ପରାମର୍ଶ ଦେଇଛନ୍ତି। ସେ ଏ କଥା ମଧ କହିଥିଲେ, ଯେଉଁମାନେ ଋଣ କରିଛନ୍ତି ସେମାନଙ୍କଠାରୁ ବିଭିନ୍ନ ସରକାରୀ ଯୋଜନାରେ ଦିଆଯାଉଥିବା ଭତ୍ତା ରାଶିରୁ କଟାଯାଇପାରିବ ନାହିଁ। ବ୍ୟାଙ୍କର୍ସମାନେ ଏଥିପ୍ରତି ଧ୍ୟାନ ଦେବେ। ଯେଉଁ ହିତାଧିକାରୀଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟ ରହିଛି, ସେମାନେ ବ୍ଲକସ୍ତରର ମୋ ସେବାକେନ୍ଦ୍ରରେ ଆଧାର ଲିଙ୍କ୍ କରି ପ୍ରାଥମିକ ଆକାଉଣ୍ଟ ସଂଶୋଧନ କରିପାରିବେ। ବଡ଼କଥା ହେଲା, ମୋ ଘର ଯୋଜନା ହେଉଛି ରାଜ୍ୟ ସରକାରଙ୍କ ଫ୍ଲାଗ୍‌ଶିପ୍ ପ୍ରୋଗ୍ରାମ। ଏହି ଯୋଜନାରେ ହିତାଧିକାରୀଙ୍କୁ ଗୃହଋଣ ପ୍ରଦାନ କରିବାରେ ବ୍ୟାଙ୍କର୍ସମାନେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ଜିଲାପାଳ ପରାମର୍ଶ ଦେଇଥିଲେ। ଅଗ୍ରିମ ବ୍ୟାଙ୍କ ପରିଚାଳକ, ନାବାର୍ଡ ଡିଡିଏମ୍ ନିଜ ସ୍ତରରେ ବିଭାଗୀୟ କ୍ଷେତ୍ର ଅଧିକାରୀଙ୍କୁ ନେଇ ପ୍ରସ୍ତୁତି ବୈଠକ କରିବେ। ଏଥିରେ ବ୍ୟାଙ୍କସ୍ତରରେ ବିଚାରାଧୀନ ଥିବା ଅର୍ଥାତ୍ ଅନୁମୋଦିତ ହୋଇ ନ ଥିବା ଋଣ ରାଶିର ସଂଶୋଧନ କରାଯାଇପାରିବ। ଆବଶ୍ୟକ ପଡ଼ିଲେ ପୁନର୍ବାର ଆବେଦନ କରାଯାଇପାରିବ। କ୍ଷେତ୍ରୀୟ ଅଧିକାରୀମାନେ ବ୍ୟାଙ୍କ ଅଧିକାରୀଙ୍କ ସହ ସମ୍ପର୍କ ରଖି ଋଣ ସ୍ଥିତି ସମ୍ପର୍କରେ ଅବଗତ ହେବା ଆବଶ୍ୟକ ବୋଲି ଜିଲାପାଳ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବ ବୈଠକର ବିବରଣୀ ଦୃଢ଼ୀକରଣ କରାଯାଇଥିଲା। ଜିଲାରେ ମାର୍ଚ୍ଚ ୨୦୨୩ ସୁଦ୍ଧା କ୍ରେଡିଟ୍-ଡେବିଟ୍ ଅନୁପାତ ୪୯:୭୮ ପ୍ରତିଶତକୁ ବୃଦ୍ଧି ପାଇଛି । ମାର୍ଚ୍ଚ ସୁଦ୍ଧା ଆନୁଆଲ କ୍ରେଡିଟ୍ ପ୍ଲାନ୍ ୧୦୩:୩୧ ପ୍ରତିଶତ ହୋଇଥିବା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଚିନାରା ବାପୁଜୀ ସୁବୁଦ୍ଧି ପ୍ରକାଶ କରିଥିଲେ। ବୈଠକରେ କୃଷି ଟର୍ମ ଲୋନ୍, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଖଦି ଓ ଗ୍ରାମ ଶିଳ୍ପ, ମହିଳା ଏସ୍ଏଚ୍ଜି ବ୍ୟାଙ୍କ ଲିଙ୍କେଜ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପିଏମ୍ଇଜିପି, ପିଏମ୍ଏଫ୍ଏମ୍ଇ, ଶିଳ୍ପୀ ଉନ୍ନତି ଯୋଜନା, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ବଳରାମ, ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ଫାଇନାନ୍ସିଆଲ ଲିଟେରାସି କ୍ୟାମ୍ପ, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, କୁକୁଡ଼ା ଚାଷ, ଦୁଗ୍ଧ ଉତ୍ପାଦନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ରିଜର୍ଭ ବ୍ୟାଙ୍କ ପ୍ରତିନିଧିଭାବେ ମୋହିତ ଅଗ୍ରୱାଲ, ଷ୍ଟେଟବ୍ୟାଙ୍କ ଆଞ୍ଚଳିକ ପରିଚାଳକ ଦେବାଶିଷ ରଥ, ଡିଡିଏମ୍ ନାବାର୍ଡ ବିଶ୍ୱଭୂଷଣ ମହାନ୍ତି, ମଦର୍ସ ସିଏଫ୍ଏଲ୍ ମୁଖ୍ୟ ପ୍ରମୋଦ କୁମାର ଦାସ, ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ, ଡିପିସି, ମିଶନ ଶକ୍ତି ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କୃତୀ ଛାତ୍ରୀଛାତ୍ରଙ୍କୁ ବିଜୁ ପଟ୍ଟନାୟକ ଆୱାର୍ଡ

ପାରାଦୀପ,୧୦।୬(ସ୍ୱ.ପ୍ର.)

ପାରାଦୀପର ଜୟଦେବ ଭବନରେ ଚଳିତ ବର୍ଷର କୃତୀ ଛାତ୍ରୀଛାତ୍ରଙ୍କୁ ଶନିବାର ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଆୱାର୍ଡ ଦିଆଯାଇଛି। ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଏଥିରେ ସମୁଦାୟ ୧୨ଜଣ ଛାତ୍ରୀଛାତ୍ରୀଙ୍କୁ ଚୟନ କରାଯାଇଥିଲା। କେନ୍ଦ୍ରୀୟ ଲୋକସେବା ଆୟୋଗ ପରୀକ୍ଷାରେ ୬୭ ତମ ର୍ୟାଙ୍କ ରଖିଥିବା ସୁଶ୍ରୀ କସ୍ତୁରୀ ପଣ୍ଡା, ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ଜିଲା ଟପ୍ପର ହୋଇଥିବା ସାଇଲିପ୍ସା ପ୍ରଧାନ, ପାରାଦୀପର ଏ-୧ରଖିଥିବା ସ୍ଥିତିପ୍ରଜ୍ଞା ପରିଡା, ଇପ୍ସିତା ମହାନ୍ତି, ମିତାଲି ବେହେରା, ଜଗନ୍ନାଥ ଜେନା, ସାଇସ୍ମୃତି ସିଂହ, ରିତେଶ କୁମାର ମଲ୍ଲ, ଆଦର୍ଶ ମଙ୍ଗରାଜ, ଭବାନୀ ଶଙ୍କର ସାସମଲ, ଶୁଭଲକ୍ଷ୍ମୀ ସାହୁ ଓ ସତ୍ୟବ୍ରତ ପାଣିଙ୍କୁ ଏହି ଆୱାର୍ଡ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏମପି ରାଜଶ୍ରୀ ମଲ୍ଲିକ, ବିଧାୟକ ସମ୍ବିତ ରାଉତରାୟ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନଗର ଉନ୍ନୟନ ବିଭାଗ ଯୁଗ୍ମ ସଚିବ ଶାରଦା ପଣ୍ଡା, ଅଧ୍ୟାପକ ଅକ୍ଷୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ମୋ ଘର ଯୋଜନା ସମ୍ପର୍କରେ ସଚେତନତା



ସଚେତତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

ରଘୁନାଥପୁର,୧୦।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ଆସିଥିବା ମୋ ଘର ଯୋଜନା ସମ୍ପର୍କରେ ଏସ୍ଏଚ୍ଜି ମହିଳାଙ୍କୁ ସଚେତନତା କରାଯାଇଛି। ସାମାଜିକ କର୍ମୀ ରହିମ ଖାଁ ଓ ତିର୍ତ୍ତୋଲ ନିର୍ବାନମଣ୍ଡଳୀ ବିଜେଡି ସମ୍ପାଦକ ଅଜୟ ସାମଲ ଏହାର ଗାଇଡଲାଇନ ସମ୍ପର୍କରେ ମହିଳାଙ୍କୁ ଅବଗତ କରିଥିଲେ। ଏହି ଯୋଜନା ଗରିବ ଓ ନିମ୍ନ ମଧ୍ୟବିତ୍ତଙ୍କ ପାଇଁ ଉପଲବ୍ଧ। ଏଥିରେ ନୂତନ ଗୃହ ନିର୍ମାଣ, ସମ୍ପ୍ରସାରଣ, ସମ୍ପୂର୍ଣ୍ଣ ଓ ଉନ୍ନତୀକରଣ ପାଇଁ ଚାରି ପ୍ରକାର ଋଣ ପ୍ରଦାନ କରାଯାଉଥିବା କୁହାଯାଇଥିଲା। ଋଣଅର୍ଥ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସବ୍‌ସିଡି ପ୍ରଦାନ କରାଯାଉଥିବାବେଳେ ଭିନ୍ନକ୍ଷମ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଅତିରିକ୍ତ ସବ୍‌ସିଡି ବ୍ୟବସ୍ଥା ଥିବା ଅବଗତ କରାଯାଇଥିଲା। ଏହି ଋଣ ପାଇଁ ରେଜିଷ୍ଟ୍ରେଶନ ଖର୍ଚ୍ଚ, ଷ୍ଟାମ୍ପ ଡ୍ୟୁଟି ଆଇନ ପରାମର୍ଶ ଫି ସମ୍ପୂର୍ଣ୍ଣ ଛାଡ଼ ବୋଲି କୁହାଯାଇଥିଲା। ଏହାଛଡା କେଉଁମାନେ ଏହାକୁ ପାଇପାରିବେ, କିପରି ଆବେଦନ କରିବେ ଓ କିପରି ଶୁଝିବେ ସେସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ ସାହେଦା ତବସୁମ,ସମିତି ସଭ୍ୟା ସାଗରିକା ତରେଇ ଓ ମହିଳାମଞ୍ଚରକର୍ମକର୍ତ୍ତାମାନେଉପସ୍ଥିତଥିଲେ।

## ବଳରାମ ଯୋଜନାରେ ଋଣ ମେଳା

ବାଲିକୁଦା,୧୦।୬(ସ୍ୱ.ପ୍ର.)

ବାଲିକୁଦା ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର କୃଷି କାର୍ଯ୍ୟାଳୟ ପକ୍ଷରୁ ବଳରାମ ଯୋଜନାରେ ଋଣ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଉଦ୍‌ଘାଟନ କରିଥିଲେ। ଆତ୍ମା କମିଟି ଅଧ୍ୟକ୍ଷ ଜଟାଧାରୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାରେ ମୁଖ୍ୟ ଅତିଥିଭାବେ ବିଧାୟକ ଦାସ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୦ ମିଳିତ ଦେୟ ଗୋଷ୍ଠୀଙ୍କୁ ଚେକ୍ ପ୍ରଦାନ କରିଥିଲେ। ବାଲିକୁଦା ବ୍ଲକ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନା ମେଳାରେ ବଳରାମ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ମେଳାରେ ବ୍ଲକ ମତ୍ସ୍ୟ ଅଧିକାରୀ ଦିଲୀପ ରାଉତରାୟ, ବିଟିଏମ ପ୍ରବାଳକାନ୍ତ ସ୍ୱାଇଁ, ଶୁଭଲକ୍ଷ୍ମୀ ବାରିକ, ଶୁଶ୍ରୀପ୍ରିୟଦର୍ଶିନୀ ଲେଙ୍କା, ଦେବସ୍ମିତା ଜେନା, ଅଶ୍ୱିନୀ କୁମାର ଜେନାଙ୍କ ସମେତ ବ୍ୟାଙ୍କ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ମୋଦିଙ୍କ ୯ ବର୍ଷ ସୁଶାସନ କଥା ବଖାଣିଲେ ଦୀନେଶ

## ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ଝାଡ଼ଖଣ୍ଡ ପୂର୍ବତନ ଅଧ୍ୟକ୍ଷ ଦୀନେଶ ଆନନ୍ଦ ଗୋସ୍ୱାମୀ ଓ ଅନ୍ୟମାନେ।

ଜଗତ୍ସିଂହପୁର ଅଫିସ, ୧୦।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏଥିମଧ୍ୟରେ ଦେଶକୁ ୯ ବର୍ଷ ସୁଶାସନ ଓ ଉତ୍ତମ ସେବା ଦେଇଛି। ଏଥିସହ ଗରିବଙ୍କ ଆର୍ଥିକ ସ୍ଥିତିରେ ସୁଧାର ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଶନିବାର ସ୍ଥାନୀୟ ଶୋଭାମଣ୍ଡପ ପରିସରରେ ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାଡ଼ଖଣ୍ଡ ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ଦୀନେଶ ଆନନ୍ଦ ଗୋସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସେ ଏ କଥା ମଧ କହିଥିଲେ, କୋଭିଡ୍ ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟି ଓ ଉପଯୁକ୍ତ ପଦକ୍ଷେପ ଯୋଗୁ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିପାରିଥିଲା। ଏହି ୯ ବର୍ଷରେ ଲୋକଙ୍କୁ ଉତ୍ତମ ସେବା ମିଳିପାରିଛି। ଏହି ବାର୍ତ୍ତା ଦେଶବାସୀଙ୍କୁ ଦେବା ପାଇଁ ଭାଜପା ପକ୍ଷରୁ ମେ' ୩୦ରୁ ଜୁନ୍ ୩୦ ପର୍ଯ୍ୟନ୍ତ ଦେଶବ୍ୟାପୀ ମହାଜନସମ୍ପର୍କ ଅଭିଯାନ ଚଳାଯାଇଛି ବୋଲି ଗୋସ୍ୱାମୀ କହିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳ ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟକ୍ଷ ବିଭୁ ପ୍ରସାଦ ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦଳର ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଗତ୍ସିଂହପୁର ନିର୍ବାଚନମଣ୍ଡଳୀରୁ ଆସିଥିବା ବରିଷ୍ଠ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମଣ୍ଡଳର ପ୍ରଭାରୀ, ସଭାପତି, ସମ୍ପାଦକ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଦଳର ଜଗତ୍ସିଂହପୁର ଲୋକ ସଭା ପ୍ରଭାରୀ ପବିତ୍ର ଦାଶ, ପାରାଦୀପ ନେତା ସମ୍ପଦ ସ୍ୱାଇଁ, ତିର୍ତ୍ତୋଲ ନେତା ରାଜକିଶୋର ବେହେରା, ବାଲିକୁଦାର ସଞ୍ଜୟ ମହାନ୍ତି, ଶିବବ୍ରତ ଦାସ, ଜଗତ୍ସିଂହପୁର ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତି, ମୋହିତ ମହାନ୍ତି, କଳ୍ପନା ମହାନ୍ତି, ସର୍ଜନ ସିଂ, ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ଯୁଗଳ ପ୍ରଧାନ, ଲୋକ ସଭା ବିସ୍ତାରକ ତ୍ରିନାଥ ବରାଳ, କୃଷକ ମୋର୍ଚ୍ଚା ସଭାପତି ତପନ ବେହେରା, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାମଦେବ ମଲ୍ଲିକ, ଯୁବମୋର୍ଚ୍ଚା ସଭାପତି ମାନସ ମହାପାତ୍ର, ଜିଲା ପୂର୍ବତନ ଭାଜପା ସଭାପତି ଆଡ୍‌ଭୋକେଟ ସଂଗ୍ରାମ କେଶରୀ ମହାନ୍ତି ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଇନ୍ଦ୍ରମଣି ରାୟଙ୍କୁ ମୁଖ୍ୟ ଅତିଥି ଗୋସ୍ୱାମୀ ସମ୍ମାନିତ କରିଥିଲେ।

# ମଜୁରି ବଦଳରେ ମୁଗ ଓପାଡ଼ି ଲାଭବାନ ହେଲେ ମହିଳା

ରଘୁନାଥପୁର,୧୦।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଣ୍ଟୁଆସ୍ଥିତ ଶିବଶମ୍ଭୁ ମହିଳା ଏସ୍ଏଚ୍ଜିର ୧୦ ଜଣ ମହିଳା ମଜୁରି ପରିବର୍ତ୍ତେ ଅଟେଇରେ (୬୦ ପ୍ରତିଶତ ମାଲିକ ଓ ୪୦ ପ୍ରତିଶତ ମଜୁରି ବାବଦ) ମୁଗ ଓପାଡି ଲାଭବାନ ହୋଇଛନ୍ତି। ଗତବର୍ଷ ମଜୁରିରେ ମୁଗ ଓପାଡି ଦୈନିକ ୩୫୦ ଟଙ୍କା ହିସାବରେ ମାସିକ ୧୦ ହଜାର ୫ଶହ ଟଙ୍କା କମେଇଥିବାବେଳେ ଚଳିତ ବର୍ଷ ଏହାର ଦେଢ଼ଗୁଣ ରୋଜଗାର ହୋଇଛି। ଏହା କେବଳ ରେଣ୍ଟୁଆସ୍ଥିତ ବାଣୀକ୍ଷେତ୍ର ମହିଳା କୃଷକ ଉତ୍ପାଦକ ସଂଘ ଯୋଗୁ ସମ୍ଭବ ହୋଇପାରିଛି ବୋଲି ଝୁନିଲତା ଭଞ୍ଜ ଓ ଆରତୀ ଦାସ କହିଛନ୍ତି।

ରେଣ୍ଟୁଆର ଆଖପାଖ ୮ ପଞ୍ଚାୟତର ୫୭୫ ଜଣ ମହିଳାଙ୍କୁ ନେଇ ଗଢ଼ିଉଠିଛି ଏହି ବାଣୀକ୍ଷେତ୍ର ମହିଳା କୃଷକ ଉତ୍ପାଦକ ସଂଘ। ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇ ସେମାନଙ୍କ ରୋଜଗାର ବୃଦ୍ଧି କରିବା ଏହାର ମୂଳ ଉଦ୍ଦେଶ୍ୟ। ମାର୍କଫେଡ ପକ୍ଷରୁ ରେଣ୍ଟୁଆଠାରେ ଏକ ସରକାରୀ ମୁଗମଣ୍ଡି ଖୋଲାଯାଇଛି। ଏହାର ପରିଚାଳନା ଦାୟିତ୍ୱ ଏହି ସଂଘ ଉପରେ ନ୍ୟସ୍ତ କରାଯାଇଛି। ଅଧିକ ପରିମାଣରେ ମୁଗ କିପରି ମଣ୍ଡିକୁ ଆସିପାରିବ ଏବଂ ସାଧାରଣ ଲୋକ କିପରି ମଣ୍ଡିରେ ମୁଗ ଦେଇ ଲାଭବାନ ହୋଇପାରିବେ ସଂଘ ପକ୍ଷରୁ ସେଥିପ୍ରତି ଦୃଷ୍ଟି ଦିଆଯାଇଥିଲା। ମୁଗ ଓପାଡିବାକୁ ଯାଉଥିବା ମହିଳାମାନେ କିପରି ଅଟେଇରେ ଓପାଡି ପାରିଶ୍ରମିକ ବାବଦକୁ ୪୦ ପ୍ରତିଶତ ମୁଗ ଆଣିବେ ସେଥିପ୍ରତି ସଚେତନ କରାଯାଇଥିଲା। ବାଣୀକ୍ଷେତ୍ର ସଂଘର କର୍ମକର୍ତ୍ତା କୃଷ୍ଣପ୍ରିୟା ବିଶ୍ୱାଳ, କାଦମ୍ବିନୀ ବେହେରା,ଅମିୟବାଳା ମହାପାତ୍ର, ସ୍ମିତାରାଣୀ ଖଟୁଆ,ଅର୍ପିତା ବରାଳ ଓ ମୋନାଲିସା ବେହେରା ପ୍ରମୁଖ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଚଳିତ ବର୍ଷ ମୁଗ ଅମଳ ଭଲ ହୋଇଛି। ମୁଗ କିଲୋ ପିଛା ସରକାରୀ ଦର ୭୭.୫୫ ଟଙ୍କା ହୋଇଥିବାବେଳେ ବ୍ୟବସାୟୀମାନେ ପ୍ରାୟ ୫୯ ଟଙ୍କା ଦରରେ ମୁଗ ନେଉଛନ୍ତି। ଫଳରେ ସରକାରୀ ଦରରେ ଅଧିକ ୧୮ ଟଙ୍କା ଲାଭ ମିଳୁଛି ବୋଲି ମହିଳାମାନେ କହିଛନ୍ତି। ସାଧାରଣ ମଜୁରି ଶ୍ରେଣୀର ଲୋକଙ୍କ ପାଇଁ ମଜୁରି ପରିବର୍ତ୍ତେ ଅଟେଇରେ ମୁଗ ଓପାଡିବା ଏକ ଉତ୍ତମ ପଦକ୍ଷେପ ବୋଲି କୃଷିଭିତ୍ତିକ ସଂସ୍ଥା ଲାଲ(ଲିଭ ଆଣ୍ଡ ଲେଟ ଲିଭ)ର ସମ୍ପାଦକ କ୍ଷେତ୍ରମୋହନ ବେହେରା ପ୍ରକାଶ କରିଛନ୍ତି। ଗତବର୍ଷଠାରୁ ଚଳିତବର୍ଷ ମାସିକ ରୋଜଗାରରେ ୫ ହଜାର ଟଙ୍କାରୁ ଅଧିକ କମେଇ ହୋଇଛି ବୋଲି ମିନା ଦାସ, ଝୁଲଣା ଦେଇ,ଲୋଭା ଭଞ୍ଜ, ବାସନ୍ତୀ ଦେଇ,ସଂଯୁକ୍ତା ଦାସ, ପ୍ରେମଲତା ଦାସ, ରୀନା ଦାସ ଓ ତନୁଶ୍ରୀ ଦାସଙ୍କ ସହ ସ୍ଥାନୀୟ ଦଳିତ ବସ୍ତିର ଲୋକେ ପ୍ରକାଶ କରିଛନ୍ତି।

# ଶିଡ଼ିଘରେ ନିଆଁ: ୨ ବାଇକ, ୪ ସାଇକେଲ ଜଳିଗଲା

ପାରାଦୀପ,୧୦।୬(ସ୍ୱ:ପ୍ର.)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ନୂଆବଜାର ଏଫ୍ଏଚସି (ଫକୀର ମୋହନ ହାଉସିଂ କମ୍ପ୍ଲେକ୍ସ) କ୍ୱାର୍ଟର ଶିଡ଼ିଘରେ ଶନିବାର ଖରାବେଳେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ସେଠାରେ ଥିବା ୨ ବାଇକ ଓ ୪ ସାଇକେଲ ସମ୍ପୂର୍ଣ୍ଣ ଜଳିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଜଣାପଡ଼ିଛି। ଖବରପାଇ ପୋର୍ଟ ସିଆଇଏସ୍ଏଫ୍ ଅଗ୍ନିଶମ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ପୁରୁଣା ବିଦ୍ୟୁତ୍ ବୋର୍ଡର କେବୁଲ ଦୁର୍ବଳ ହେବା ଯୋଗୁ ଏପରି ଘଟିଥିଲା ବୋଲି ଅଗ୍ନିଶମ ବିଭାଗ କର୍ମଚାରୀ ଏସ୍ ସିଂହ କହିଥିଲେ। ଉକ୍ତ ବିଲ୍ଡିଂରେ ୬ ଟି କ୍ୱାର୍ଟର ରହିଛି। ନିଆଁ ଲାଗିବା ପରେ ଉପର ମହଲା ପର୍ଯ୍ୟନ୍ତ ବ୍ୟାପୀ ଯାଇଥିଲା। ସୌଭାଗ୍ୟବଶତଃ କାହାର କିଛି କ୍ଷତି ହୋଇନାହିଁ।



ଅଗ୍ନିଶମ କର୍ମଚାରୀ ବାଇକ୍‌ରୁ ନିଆଁ ଲିଭାଉଛନ୍ତି।

# ୪ ବର୍ଷ ପରେ ବିଧାୟକଙ୍କ ପ୍ରଥମ ଜନଶୁଣାଣି

- ୧୭୬ ଅଭିଯୋଗ ଶୁଣିଲେ
- ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଉପେକ୍ଷା ଅଭିଯୋଗ

ପାରାଦୀପ,୧୦।୬(ସ୍ୱ.ପ୍ର.)



ବିଧାୟକ ସମ୍ବିତ ରାଉତରାୟ ଅଭିଯୋଗ ଶୁଣୁଛନ୍ତି।

ପାରାଦୀପ ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ଶନିବାର ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ପ୍ରଥମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଜଙ୍ଗ ବ୍ଲକର ଏକାଧିକ ପଞ୍ଚାୟତସ୍ତରୀୟ ଲୋକେ ଭାଗ ନେଇଥିଲେ। ଏହି ଅବସରରେ ସମୁଦାୟ ୧୭୬ ଅଭିଯୋଗ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବର୍ଷା ଦିନେ ଜଳ ନିଷ୍କାସନ, ରାସ୍ତା, ବିଦ୍ୟୁତ, ପାୱାର କଟ୍ ଆଦି ବିଷୟ ପ୍ରମୁଖ ଥିଲା ବୋଲି ବିଧାୟକ ରାଉତରାୟ କହିଛନ୍ତି। ଉକ୍ତ ସମସ୍ୟା ଉପରେ ବିଭାଗୀୟ ଅଧିକାରୀଙ୍କ ଆଲୋଚନା କରି ଯଥାଶୀଘ୍ର ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି। ପାରାଦୀପରେ ଏହି ଜନଶୁଣାଣି ହୋଇଥିଲେ ହେଁ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଉପେକ୍ଷା କରାଯାଇଛି ବୋଲି ବିଜେଡିର ୨ ଜଣ କାଉନସିଲର ଅଭିଯୋଗ କରିଛନ୍ତି। ସେମାନେ ହେଲେ ୯ ନଂ. ୱାର୍ଡର ଅଜିତ ଷଡ଼ଙ୍ଗୀ ଓ ୧୦ ନଂ ୱାର୍ଡର ସୁଶାନ୍ତ ଦାସ। ସେମାନଙ୍କ କହିବା କଥା ହେଲା, ବିଧାୟକ ପାରାଦୀପରେ ଜନଶୁଣାଣି କରୁଛନ୍ତି ଅଥଚ ସ୍ଥାନୀୟ କାଉନ୍ସିଲରଙ୍କୁ ସୂଚନା ଦିଆଯାଇନାହିଁ। ନିର୍ବାଚନ ମୁଣ୍ଡ ଉପରେ ଥିବାରୁ ଏବେ ସମସ୍ୟା କଥା ମନେପଡୁଛି। ଏହି ସମସ୍ୟା ସମ୍ପର୍କରେ ୪ ବର୍ଷ ତଳୁ ଶୁଣିଥିଲେ, ଏବେ ସୁଦ୍ଧା ସମାଧାନ ହୋଇପାରିଥାନ୍ତା। ଏପରି ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅଣଦେଖା କରିବା ସମ୍ପର୍କରେ ବିଧାୟକ ରାଉତରାୟଙ୍କୁ ପଚାରିଲେ କୁହନ୍ତି, ସେମିତି କିଛି ନାହିଁ। ଏବେ ପଞ୍ଚାୟତ ଲୋକଙ୍କ କଥା ପ୍ରତି ସପ୍ତାହରେ ୨ ଦିନ ଶୁଣାଯିବ। ପୌରାଞ୍ଚଳ ପାଇଁ ୨ ଦିନ ଧାର୍ଯ୍ୟ କରାଯାଇଛି। ୪ ବର୍ଷ ମଧ୍ୟରେ ଅଢ଼େଇ ବର୍ଷ କୋଭିଡ୍ ପାଇଁ ଚାଲିଗଲା। ପୂର୍ବରୁ ଲୋକମାନେ ଭୁବନେଶ୍ୱର ଯାଇ ସମସ୍ୟା ଜଣାଉଥିଲେ। ଲୋକଙ୍କ ପାଇଁ ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସକ ପ୍ରଶାସକଙ୍କୁ ଅଞ୍ଚଳ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କିଛି ରାଜନୀତି କିମ୍ବା ନିର୍ବାଚନ ଇସ୍ୟୁ ନାହିଁ ବୋଲି ରାଉତରାୟ କହିଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ସହ ମରଣାନ୍ତକ ଆକ୍ରମଣ

ଖଜୁରିପଡା,୧୦।୬: ଉରଡା ଗ୍ରାମର ମିନାକ୍ଷୀ ଦିଗାଲ (୨୩) ଗତ ପାଞ୍ଚ ମାସ ତଳେ ଚକାପାଦ ଥାନା ଅନ୍ତର୍ଗତ ଗୁଛାବାରିର ଟୁନା ନାୟକ (୩୫)କୁ ଭଲ ପାଇ ଘରୁ ପଳେଇଥିଲେ। ପରେ ଘର ଲୋକଙ୍କ ସହମତି ଅନୁସାରେ ସ୍ୱାମୀ ସ୍ତ୍ରୀ ଭାବରେ ରହିଲେ। କିଛି ଦିନ ପରେ ଟୁନା ଯୌତୁକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗତ ୬ ତାରିଖରେ ଟୁନା ମିନାକ୍ଷୀଙ୍କୁ ଅତି ନିର୍ମମ ଭାବରେ ଆକ୍ରମଣ କରିଥିଲେ। ମିନାକ୍ଷୀ ନିଜ ଘର ଉରଡା ଗ୍ରାମକୁ ଆସି ସବୁ କଥା କହିବା ସହିତ ଖଜୁରିପଡା ଥାନାରେ ଏତଲା ଦେଇଥିଲେ। ପୋଲିସ ଟୁନା ନାୟକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ଖଜୁରିପଡା ଥାନା ଅଧିକାରୀ ଗେଲି କୁମାରୀ ସାହୁ ସୂଚନା ଦେଇଛନ୍ତି।

### ପାଚିକା ସହାୟିକାଙ୍କୁ ମଧ୍ୟାହ୍ନଭୋଜନ ସୁପରିଚାଳନା ତାଲିମ

ଶେରଗଡ଼, ୧୦।୬(ଡି.ଏନ.ଏ): ସରକାରୀ ବିଦ୍ୟାଳୟଗୁଡିକର ପିଲାମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଯିବ। ଉକ୍ତ ଖାଦ୍ୟ କିପରି ସୁଆଦିଆ, ସ୍ୱଚ୍ଛ ହୋଇପାରିବ ଓ କିପରି ଉତ୍ତମ ପରିବେଶରେ ଶିଶୁମାନେ ଖାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଏକ ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପାଚିକା ସହାୟିକାମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି। ସିଆରସି ରଘୁନାଥ ସାହୁ, ଏବିଇଓ ଶୈରନ୍ଧ୍ରୀ ଦଳେଇ ଉପସ୍ଥିତ ରହି ମଧ୍ୟାହ୍ନ ଭୋଜନ ସୁପରିଚାଳନା ଉପରେ ବୁଝାଇବା ସହ ରୋଷେଇଶାଳାକୁ ସଫାରଖିବା ଓ ଠିକ୍ ଭାବେ ଆହାର ପ୍ରସ୍ତୁତ କରିବାକୁ କୁହାଯାଇଥିଲା।

### ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ସଚେତନତା

ଦିଗପହଣ୍ଡି,୧୦।୬(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ଏନ୍‌ଏସି କ୍ଲଷ୍ଟରସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ସଚେତନତା ସଭା ଓ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କର୍ମୀ ବାଳା ମାଝୀ, ଏନ୍‌ଏସି କ୍ଲଷ୍ଟରର ଆଞ୍ଚଳିକ ସାଧନ କର୍ମୀ ଅନିଲ କୁମାର ଦାସ, ସହକାରୀ ଶିକ୍ଷକ ଉପେନ୍ଦ୍ର ପଣ୍ଡା, ବଡ଼ ଖେମୁଣ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁନୀଲ କୁମାର ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷୟିତ୍ରି, ଅଭିଭାବିକା, ଅଭିଭାବକ, ଛାତ୍ରୀଛାତ୍ର ସାମିଲ ଥିଲେ। ଚାଚା ନେହେରୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିବାନୀ ପ୍ରଭା ଦେବୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜୁ ପଟ୍ଟନାୟକ ସ୍ମୃତି କମିଟି ଗଠିତ

କୁକୁଡ଼ାଖଣ୍ଡି,୧୦।୬- କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଅନନ୍ତେଇ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ମା' ମହୁରୀ କାଳୁଆ ପିଠରେ ବୁଧବାର ମଧ୍ୟାହ୍ନରେ ବିଜୁ ପଟ୍ଟନାୟକ ସ୍ମୃତି କମିଟି ଗଠନ ହୋଇଥିଲା। ଜିଲା କୃଷକ ସମବାୟ ସମିତିର ଚାରିଟେବୁଲ ଟ୍ରଷ୍ଟ ତରଫରୁ ଗଞ୍ଜାମ ଓ ଗଜପତି ଜିଲାରେ ବିଜୁ ପଟ୍ଟନାୟକ ସ୍ମୃତି କମିଟିର ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ଏଥିରେ ଗଞ୍ଜାମ ଜିଲା ବିଜେଡି ସଭାପତି ଡ଼ା. ରମେଶ ଚନ୍ଦ୍ରଚାଉ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ କୁକୁଡାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

# ଖାରିଆପଡ଼ା, ଗୁମ୍ମା ବୀରସିଂହପୁରରେ ପାନୀୟ ଜଳ ସମସ୍ୟା

ଜି.ଉଦୟଗିରି/ଟିକିଟି,୧୦।୬(ଡି.ଏନ୍.ଏ.)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରାଇକଲା ଗ୍ରାମ ପଞ୍ଚାୟତ ଅଧୀନ ଖାରିଆପଡ଼ା ରାଜସ୍ୱ ଗ୍ରାମରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଘରକୁ ଘର ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଫେଲ୍ ମାରିଛି। ଆଜକୁ ଏକବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ। ପାଣି ପାଇଁ ଲୋକେ ଉହଳବିକଳ ହେଉଥିବା ବେଳେ କାର୍ଯ୍ୟକ୍ଷମ ହୋଇପାରୁନି ପାନୀୟ ଜଳ ପ୍ରକଳ୍ପ। ଟ୍ୟୁବ୍‌ୱେଲରୁ ଗୋଳିଆ ପାଣି ଆସୁଥିବା ଯୋଗୁ ଟୁଆ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଦୀର୍ଘ ବର୍ଷ ଧରି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ବିଭିନ୍ନ ସ୍ଥାନରେ ନଳକୂପ ଭାଙ୍ଗିଯାଇଛି। ଷ୍ଟାଣ୍ଡ ପୋଷ୍ଟଗୁଡ଼ିକରେ ଟ୍ୟାପ ନାହିଁ। ଫଳରେ ଦିନକୁଦିନ ଖାରିଆପଡ଼ା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।


ଗୁମ୍ମା ବୀରସିଂହପୁର ଗ୍ରାମରେ କୂଅରୁ ପାଣି ସଂଗ୍ରହ କରୁଛନ୍ତି ଜଣେ ମହିଳା।

ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ନଳକୂପଗୁଡ଼ିକର ମରାମତି ଓ ଷ୍ଟାଣ୍ଡ ପୋଷ୍ଟଗୁଡିକ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ଗଞ୍ଜାମ ଜିଲା ଟିକିଟି ବ୍ଲକ ଲାଲମେଣ୍ଟା ପଞ୍ଚାୟତ ଅନ୍ତର୍ଗତ ଗୁମ୍ମା ବୀରସିଂହପୁର ଗ୍ରାମରେ ଦୀର୍ଘଦିନ ହେଲା ପାନୀୟଜଳ ସମସ୍ୟା ଗୁରୁତର ରୂପ ଧାରଣ କରିଛି। ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଭୂତଳ ଜଳସ୍ତର ହ୍ରାସ ପାଇଛି। କୂଅ ଓ ପୋଖରୀ ଶୁଖିଯାଇଥିବା ବେଳେ ନଳକୂପରୁ ଆବଶ୍ୟକ ପରିମାଣର ପାଣି ବାହାରୁ ନାହିଁ। ଫଳରେ ଲୋକମାନେ ପାଣି ପାଇଁ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ଉକ୍ତ ଗ୍ରାମରେ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୫୫୦ରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ଏଠାରେ ମାତ୍ର ୨ଟି ନଳକୂପ ରହିଥିବା ବେଳେ ସେଥିରୁ ଗୋଟିଏ ନଳକୂପରୁ ପାଣି ବିଳମ୍ବରେ ବାହାରିବା ସଂଗେ ସଂଗେ କଳଙ୍କି ପାଣି ଆସୁଥିବା ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନ ଗ୍ରାମର ଲୋକମାନେ ପ୍ରାୟ ୨୦୦ ମିଟର ଯାଇ ପରିତ୍ୟକ୍ତ କୂଅ କିମ୍ବା ପୋଖରୀରୁ ଦୂଷିତ ପାଣି ଆଣି ବ୍ୟବହାର କରୁଥିବାରୁ ଝାଡା ବାନ୍ତି କିମ୍ବା କିଡ୍‌ନୀ ରୋଗର ଆଶଙ୍କା ରହିଛି। ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ଗ୍ରାମୀଣ ଜଳଯୋଗାଣ ବିଭାଗ ଓ ବ୍ଲକ ପ୍ରଶାସନ ଦୃଷ୍ଟି ଆକର୍ଷଣ କରାଇଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ନାଁ ଗନ୍ଧ ଧରୁନଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଟିକିଟି ବିଡିଓ ହଳଧର ଶବରଙ୍କୁ ଯୋଗାଯୋଗ କରିବାରେ ଏନେଇ କୌଣସି ଅଭିଯୋଗ ଆସିନାହିଁ ବୋଲି କହିଥିଲେ। ତଥାପି ବିଭାଗୀୟ ଯନ୍ତ୍ରୀଙ୍କୁ କହି ଅଚଳ ନଳକୂପ ମରାମତି ସାଙ୍ଗକୁ ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ଶୀଘ୍ର କରାଯିବ ବୋଲି କହିଛନ୍ତି।

# ଯୁବ ବିଜେଡି ସାଧାରଣ ସମ୍ପାଦକଙ୍କ ଇସ୍ତଫା

**ବିଧାୟକଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ଥିଲେ**

ନୟାଗଡ଼ ଅଫିସ/ରଣପୁର,୧୦।୬(ସ୍ୱ.ପ୍ର.)

ରଣପୁର ବ୍ଲକ ଯୁବ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ଦାଶ ରଣପୁର ବିଧାୟକଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ନିଜ ପଦବୀରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି । ସେ ଇସ୍ତଫା ପତ୍ର ଜିଲା ଯୁବ ସଭାପତି ରମେଶ ଚନ୍ଦ୍ର ସାହୁଙ୍କୁ ପ୍ରଦାନ କରିଛନ୍ତି । ନିଜ ଇସ୍ତଫା ପତ୍ରରେ ସେ ଦର୍ଶାଇଛନ୍ତି, ଦଳୀୟ କାର୍ଯ୍ୟକ୍ରମରେ ବିଧାୟକ ଗୁରୁତ୍ୱ ଦେଉ ନ ଥିଲେ । ଏଣୁ ଅସନ୍ତୋଷ ବ୍ୟକ୍ତ କରି ଇସ୍ତଫା ଦେଇଛି। ଯୁବ ସାଧାରଣ ସମ୍ପାଦକଙ୍କ ଇସ୍ତଫା ପରେ ରଣପୁର ନିର୍ବାଚନମଣ୍ଡଳୀରେ ଦଳୀୟ କନ୍ଦଳ ପଦାରେ ପଡିଛି । ଏନେଇ କେତେଜଣ କର୍ମୀ ନାମ ଗୋପନ ରଖି କହିଛନ୍ତି, ବିଧାୟକଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଅଧିକାଂଶ କର୍ମକର୍ତ୍ତାଙ୍କୁ ଅଣଦେଖା କରୁଛନ୍ତି । ବିଧାୟକ ପ୍ରଧାନ କୁହନ୍ତି, ଦଳ ବିରୋଧି କାର୍ଯ୍ୟରେ ଯୁବ ବିଜେଡି ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ଦାଶ ଲିପ୍ତ ଥିବାର ଅଭିଯୋଗ ହୋଇ ଆସୁଥିଲା । ଦଳର କର୍ମକର୍ତ୍ତା ଥାଇ ଇସ୍ତଫା ଦେଲେ ମୋର କିଛି କରିବାର ନାହିଁ । ଜିଲା ଯୁବ ସଭାପତ ରମେଶ ଚନ୍ଦ୍ର ସାହୁ କୁହନ୍ତି, ଇସ୍ତଫା ପତ୍ର ମିଳିଛି । ତେବେ ଇସ୍ତଫା ଗୃହୀତ ହୋଇନି ବୋଲି କହିଛନ୍ତି ।

# ଟପ୍ପର ଦିନେଶ ମହାରଣା ସମ୍ବର୍ଦ୍ଧିତ

ବୁଗୁଡା,୧୦।୬(ଡି.ଏନ.ଏ.)

ବୁଗୁଡା ପିପୁଲ୍ସ ହାଇସ୍କୁଲର ୧୯୭୨ ମାଟ୍ରିକ ଆଲୁମିନି ବ୍ୟାଚ ପକ୍ଷରୁ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ହରିହର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୫୫୪ ନମ୍ବର ରଖି ବୁଗୁଡ଼ା ବ୍ଲକରେ ଦ୍ୱିତୀୟ ସ୍ଥାନ ତଥା ପିପୁଲ୍ସ ହାଇସ୍କୁଲ ଟପ୍ପର ହୋଇଥିବା ଦିନେଶ କୁମାର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ମେଧାବୀ ଛାତ୍ର ସୁନୀଲ କୁମାର ରାଉତଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ସାବିତ୍ରୀରେ ୯୪, କେଏସ୍‌ୟୁବିରେ ୮୦ ପ୍ରତିଶତ ଛାତ୍ରୀଛାତ୍ର ପାସ୍

**ଯୁକ୍ତ ୨ କଳା ପରୀକ୍ଷାଫଳ**

ଭଞ୍ଜନଗର,୧୦।୬(ଡି.ଏନ୍.ଏ)

ଯୁକ୍ତ ୨ କଳା ପରୀକ୍ଷାଫଳ ପ୍ରକାଶିତ ହୋଇଛି। ଭଞ୍ଜନଗର କେଏସ୍‌ୟୁବି କଲେଜରୁ ୮୦ ପ୍ରତିଶତ ଛାତ୍ରୀଛାତ୍ର ପାସ୍ ହୋଇଥିବା ବେଳେ ସାବିତ୍ରୀ ମହିଳା ମହାବିଦ୍ୟାଳୟରୁ ୯୪ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। କେଏସ୍‌ୟୁବି କଲେଜରେ ୨୮୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୨୯ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୩୭, ଦ୍ୱିତୀୟ ଶ୍ରେଣୀରେ ୩୨ ଏବଂ ତୃତୀୟ ଶ୍ରେଣୀରେ ୧୬୦ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଅମିଷା ବିଶୋଇ ୬୦୦ ମାର୍କରୁ ୪୬୪ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ତୁଳସୀ କୁମାରୀ ଜେନା ୪୫୯ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଓମ୍ ପ୍ରସାଦ ଗୌଡ଼ ୪୫୨ ମାର୍କ ରଖି ତୃତୀୟ ସ୍ଥାନରେ ଅଛନ୍ତି। ସେହିଭଳି ଏହା ପୂର୍ବରୁ କେଏସ୍‌ୟୁବି କଲେଜରେ ବାଣିଜ୍ୟରେ ୮୦ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ବିଜ୍ଞାନରେ ୫୫ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିଭଳି ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ କଳାରେ ୯୪ ପ୍ରତିଶତ ଛାତ୍ରୀ ପାସ୍ କରିଛନ୍ତି। ବିଜ୍ଞାନରେ ୯୫ ପ୍ରତିଶତ ଛାତ୍ରୀ ପାସ୍ କରିଛନ୍ତି। କଳାରେ ୩୨୦ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୯୯ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧୩୦ ଛାତ୍ରୀ ପାସ୍ କରିଥିବା ବେଳେ ଦ୍ୱିତୀୟରେ ୭୩ ଏବଂ ତୃତୀୟ ଶ୍ରେଣୀରେ ୯୬ ଛାତ୍ରୀ ପାସ୍ କରିଛନ୍ତି। ପ୍ରମିତା ପ୍ରଧାନ ୬୦୦ରୁ ୫୨୮ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ଅଙ୍କିତା ରାଉତ ୫୦୯ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଥିବାବେଳେ ଇତିଶ୍ରୀ ବିଶୋଇ ୫୦୩ ମାର୍କ ରଖି ତୃତୀୟ ସ୍ଥାନରେ ଅଛନ୍ତି।

ପୂର୍ବରୁ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୩୨ ଛାତ୍ରୀ ପାସ୍ କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୪୯ ଏବଂ ତୃତୀୟ ଶ୍ରେଣୀରେ ୪୭ ଛାତ୍ରୀ ପାସ୍ କରିଛନ୍ତି। ୧୩୬ ଛାତ୍ରୀ ବିଜ୍ଞାନରେ ପରୀକ୍ଷା ଦେଇଥିବା ବେଳେ ୮ ଜଣ ଫେଲ୍ ହୋଇଛନ୍ତି। ଶୁଭସ୍ମିତା ବେହେରା ୬୦୦ ମାର୍କରୁ ୫୦୬ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ବର୍ଷାରାଣୀ ଜେନା ୪୮୩ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ଥିବାବେଳେ ଭବାନୀ ଗୌଡ଼ ୪୫୯ ମାର୍କ ରଖି ତୃତୀୟ ସ୍ଥାନରେ ଥିବା ବେଳେ ରେସ୍ମାରାଣୀ ପ୍ରଧାନ ୪୫୮ ନମ୍ବର ରଖି ଚତୁର୍ଥ ସ୍ଥାନରେ ଅଛନ୍ତି ବୋଲି କଲେଜ ଅଧ୍ୟକ୍ଷ ଡ. ଜୟରାମ ସେନାପତି ସୂଚନା ଦେଇଛନ୍ତି। କେଏସ୍‌ୟୁବି କଲେଜରେ ଅଧ୍ୟାପକ ପଦବୀ ପୂରଣ ହୋଇଥିବା ବେଳେ ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଅନେକ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ତଥାପି ସାବିତ୍ରୀରେ ପରୀକ୍ଷାଫଳ କେଏସ୍‌ୟୁବି ଅପେକ୍ଷା ବହୁତ ଭଲ ହୋଇଥିବା ସହରରେ ଆଲୋଚନା ହେଉଛି।

# ଜନଭାଗିଦାରୀ ଉପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ

ଶେରଗଡ, ୧୦।୬(ଡି.ଏନ୍.ଏ.):

ଶେରଗଡ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟକୁ ଜନଭାଗୀଦାରି ମାଧ୍ୟମରେ ଏଣିକି ବିକାଶକୁ ହାତକୁ ନିଆଯିବ। ଏହି ପରିପ୍ରେକ୍ଷୀରେ ପିଲାମାନଙ୍କୁ ଭାଷା ଶିକ୍ଷାକୁ ପ୍ରାଧାନ୍ୟ ଦିଆଯିବ। ଫଳରେ ପ୍ରାରମ୍ଭିକ ଶ୍ରେଣୀରୁ ହିଁ ଶିଶୁ ଭାଷା ପ୍ରତି ଆନୁଗତ୍ୟ ରହିବ। ଏହାକୁ ଗ୍ରାମର ଲୋକମାନଙ୍କ ଭାଗୀଦାରି ମାଧ୍ୟମରେ ଶିଶୁମାନଙ୍କ ବିକାଶରେ ପ୍ରୟୋଗ କରାଯିବ। ଏ ନେଇ ବ୍ଲକର ୧୨ଟି କ୍ଲଷ୍ଟରରେ ଶୁକ୍ରବାର ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କମିଟିମାନଙ୍କ ସହ ଜନଭାଗୀଦାରି କାର୍ଯ୍ୟକ୍ରମର କିପ୍ରକାର ଆଭିମୁଖ୍ୟ ରହିବ ତା' ଉପରେ ଏଫ୍‌ଏଲ୍‌ଏନ ପଢାଉଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଯତ୍ନଶୀଳ ହେବା ଆବଶ୍ୟକ। ଶେଷରେ ଜନଭାଗୀଦାରି କାର୍ଯ୍ୟକ୍ରମର ସରକାରଙ୍କ ବାର୍ତ୍ତା ପଢାଇବା ପରେ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା।

# ପୁନିତ୍ ସାଗର କାର୍ଯ୍ୟକ୍ରମ


ଏନ୍‌ସିସି ଆର୍ମି ୱିଙ୍ଗ୍ ଛାତ୍ରୀଛାତ୍ର ଜଳଭଣ୍ଡାରରୁ ଆଣିଥିବା ବର୍ଜ୍ୟବସ୍ତୁକୁ ଖାଲରେ ପୋତୁଛନ୍ତି।

ଭଞ୍ଜନଗର,୧୦।୬(ଡି.ଏନ୍.ଏ.)

ଭଞ୍ଜନଗର କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ଆର୍ମି ୱିଙ୍ଗ୍ ଏବଂ ନାଭାଲ ୱିଙ୍ଗ୍ ପକ୍ଷରୁ ବିଗତ କିଛିଦିନ ହେବ ପୁନିତ୍ ସାଗର କାର୍ଯ୍ୟକ୍ରମ ଚାଲିଛି। ପୁନିତ୍ ସାଗର ଯୋଜନା ମାଧ୍ୟମରେ କ୍ୟାଡେଟ୍‌ମାନେ ଭଞ୍ଜନଗର ଜଳଭଣ୍ଡାରକୁ ସଫେଇ କରୁଛନ୍ତି। ଏହାପରେ ସେଠାରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ କୌଣସି ଏକ ଖାଲ ସ୍ଥାନରେ ନେଇ ପୋତୁଛନ୍ତି। ଏହିଭଳି ଶନିବାର ମଧ୍ୟ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ ଏବଂ ଏନ୍‌ସିସି ନାଭାଲ ଅଫିସର ଡ. ରବୀନ୍ଦ୍ର କୁମାର ମିଶ୍ର ନିଜ ନିଜ କ୍ୟାଡେଟ୍‌ମାନଙ୍କୁ ନେଇ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ସାହାରା ଇଣ୍ଡିଆ ଜମାକାରୀଙ୍କ ବିକ୍ଷୋଭ



କାର୍ଯ୍ୟାଳୟ ସମ୍ମୁଖରେ ଜମାକାରୀଙ୍କ ବିକ୍ଷୋଭ ।

ଆସିକା,୧୦।୬(ଡି.ଏନ.ଏ)

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ସାହାରା ଇଣ୍ଡିଆରେ ଟଙ୍କା ଜମା କରି ଫେରସ୍ତ ପାଇନଥିବା ଜମାକାରୀ ଓ ଏଜେଣ୍ଟମାନଙ୍କ ପକ୍ଷରୁ ଶନିବାର ଆସିକାସ୍ଥିତ ସେକ୍ଟର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ କଳା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବିକ୍ଷୋଭକାରୀଙ୍କ ପକ୍ଷରୁ ସାହାରା ମୁଖ୍ୟ ସୁବ୍ରତ ରାୟ ସାହାରାଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଜମାକାରୀ ସେମାନଙ୍କ ଅବଧି ପୂରଣ ହୋଇଥିବା ଜମା ରାଶି ଫେରସ୍ତ କରିବା ଲାଗି ଦାବି କରିଥିଲେ। ଜମାକାରୀଙ୍କ ଟଙ୍କା ଫେରସ୍ତ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ହେୟ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରାଯାଇଥିଲା ବେଳେ ଆଗାମୀ ନିର୍ବାଚନରେ ଏହି ଜମାକର୍ତ୍ତାଙ୍କ ପ୍ରଭାବ ପଡିବ ବୋଲି ଚେତାବନୀ ଦିଆଯାଇଥିଲା ।

# କବିସୂର୍ଯ୍ୟନଗର ବିଜେଡିରେ ଗୋଷ୍ଠୀ ବିବାଦ ଚର୍ଚ୍ଚା

କବିସୂର୍ଯ୍ୟନଗର,୧୦।୬(ଡି.ଏନ.ଏ.)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଏନଏସି ବିଜେଡି ଶିବିରରେ କମ୍ପନ। ହଠାତ କଣ ହେଲା କେଜାଣି ଏନଏସି ପରିଚାଳନା ଓ ଦଳୀୟ ସଂଗଠନ ଦାୟିତ୍ୱ ନେଲେ ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର। ସେ ଏବେ କାଉନସିଲର ଅଛନ୍ତି। ଏନଏସି କାଉନସିଲ ବୈଠକରେ ନିଷ୍ପତି କିମ୍ବା ଦଳ ପକ୍ଷରୁ କୌଣସି ଲିଖିତ ଭାବେ ତାଙ୍କୁ ଦିଆଯାଇନଥିବା ବେଳେ ଭାଙ୍ଗିଯାଉଥିବା ବିଜେଡି ସଂଗଠନକୁ ବାଞ୍ଛାଇବାକୁ ବିଧାୟିକା କୁଆଡେ ଅଲିଖିତ ନିର୍ଦ୍ଦେଶରେ ପରିଚାଳନା ଦାୟିତ୍ୱ ଦିଆଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ଶୁକ୍ରବାର ଏ ନେଇ କବିସୂର୍ଯ୍ୟନଗର ଏନଏସି ସଭା ଗୃହରେ କେତେକ କାଉନସିଲରଙ୍କ ଉପସ୍ଥିତିରେ ବିଧାୟିକା ଗୁରୁ ଦାୟିତ୍ୱ ଦେଇଥିବା ଶୁଣିବାକୁ ମିଳିଛି। ଅନ୍ୟପକ୍ଷରେ ମନୋରଞ୍ଜନ ମହାପାତ୍ରଙ୍କୁ ଦାୟିତ୍ୱ ଦେବା ଘଟଣାକୁ ନେଇ କବିସୂର୍ଯ୍ୟନଗର ବିଜେଡିରେ ପୂର୍ବରୁ ଥିବା ଅସନ୍ତୋଷ ପୁଣି ବଢିଛି। ଗୋଟିଏ ପଟେ ଏନଏସିରେ ବିଧାୟିକା ବୈଠକ କରୁଥିବା ବେଳେ ସମାନ୍ତରାଳ ଭାବେ ନିର୍ବାଚନ ମଣ୍ଡଳୀ ସଭାପତିଙ୍କ ନେତୃତ୍ୱରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରମୋଦ ପଣ୍ଡାଙ୍କ ଉପସ୍ଥିତିରେ ବିଜେଡି ବୈଠକ ଅନୁଷ୍ଠିତ ହୋଇଥିଲା। କବିସୂର୍ଯ୍ୟନଗର ବିଜେଡି ସଂଗଠନ ପାଇଁ ପ୍ରମୋଦ ପଣ୍ଡାଙ୍କ ହସ୍ତକ୍ଷେପ ଘଟଣା ରାଜନୈତିକ ସ୍ତରରେ ଭିନ୍ନ ମୋଡ଼ ନେଉଥିବା ଆଲୋଚନା ହେଲାଣି। କବିସୂର୍ଯ୍ୟନଗରରେ ବିଜେଡି ୩ ଫାଳ ହେବା ପରେ ସୁଜ୍ଞାନ ସେନା ବିଜେଡି ଗୋଷ୍ଠୀଙ୍କ ନିରବତା ପୁଣି ନୂଆ ବିବାଦ ମୁଣ୍ଡ ଟେକିଲାଣି। ଏନେଇ ଏନଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠୀ କହିଛନ୍ତି ମୋ ଅଗୋଚରରେ କୌଣସି ବିଲ ଅଣାଗଲେ ମୁ ହସ୍ତାକ୍ଷର କରିବି ନାହିଁ। ଏନଏସି ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ କହିଛନ୍ତି ଆଗାମୀ ନିର୍ବାଚନ ଦୃଷ୍ଟିରୁ ସମସ୍ତେ ମିଳିମିଶି ଚଳିବୁ।

# ମୁଖ୍ୟ ଅଭିଯୁକ୍ତ ସୁରଟରୁ ଗିରଫ

**ଚୋର ସନ୍ଦେହରେ ଯୁବକଙ୍କୁ ପିଟି ମାରିଦେବା ଘଟଣା**

ପୁରୁଷୋତ୍ତମପୁର,୧୦।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଚିଙ୍ଗୁଡିଘାଇ ଗ୍ରାମରେ ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ସୁରଟରୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି ପୁରୁଷୋତ୍ତମପୁର ପୋଲିସ। ଅଭିଯୁକ୍ତ ଜଣଙ୍କ ହେଲେ ବିଷ୍ଣୁ ଚରଣ ନାୟକ। ଏହି ଘଟଣାରେ ପୋଲିସ ୭ ଜଣଙ୍କୁ ପୂର୍ବରୁ ଗିରଫ କରିଛି।


ଗିରଫ ମୁଖ୍ୟ ଅଭିଯୁକ୍ତ ।

ସୂଚନାଯୋଗ୍ୟ, ମେ' ୧୭ତାରିଖ ରାତିରେ ଚିଙ୍ଗୁଡିଘାଇ ଗ୍ରାମର କିଶୋର ନାୟକଙ୍କ ଘର ବାରିପଟେ ଏକ ଶବ୍ଦ ହୋଇଥିଲା। ଏହାଶୁଣି କିଶୋର ଉଠିଯାଇ ଦେଖିବା ବେଳେ ଜଣେ ଅପରିଚିତ ବ୍ୟକ୍ତିଙ୍କୁ ଦେଖି ପାଟି କରିଥିଲେ। ଯୁବକ ଜଣଙ୍କ କିଶୋରଙ୍କ ଉପରକୁ ଇଟା ଓ ଏକ ଟିଣ ଫୋପାଡିଥିଲେ। କିଶୋର ଆହତ ହୋଇ ଚିତ୍କାର କରିଥିଲେ। ଗ୍ରାମର କିଛି ଲୋକ ଉଠି ଆସିବାରୁ ଯୁବକ ଜଣଙ୍କ ଦୌଡ଼ି ପଳାଉଥିଲେ। ଲୋକେ ଗୋଡାଇ ଗୋଡାଇ କାବୁ କରି ଆଣି ଗ୍ରାମ ନିକଟସ୍ଥ ଏକ ବିଦ୍ୟୁତ ପୋଲରେ ବାନ୍ଧି ମାଡମାରି ଥିଲେ। ଏହି ମାଡରେ ବାହୁଡା ସାହୁଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମାମଲା ରୁଜୁ କରି ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ବିଷ୍ଣୁ ଗୁଜୁରାଟର ସୁରଟ ଥାନା ଅନ୍ତର୍ଗତ ମସକାନା ଠାରେ ଲୁଚି ରହିଥିଲେ। ଏସଡିପିଓ ରଜନୀକାନ୍ତ ସାମଲଙ୍କ ତତ୍ତ୍ୱାବଧାନରେ ଏସଆଇ ଆଦିତ୍ୟ ନାରାୟଣ ପାତ୍ରଙ୍କ ସମେତ ୩ ଜଣିଆ ସ୍ୱତନ୍ତ୍ର ଟିମ ସୁରାଟ ଯାଇ ବିଷ୍ଣୁଙ୍କୁ ଗିରଫ କରି ଶନିବାର ପୁରୁଷୋତ୍ତମପୁର ଥାନାକୁ ଆଣିଛନ୍ତି।

# ରାୟଗଡ଼ ବ୍ଲକ ପାଇଁ ୨. ୯୫ କୋଟି ମଞ୍ଜୁର

**ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବ୍ଲକବାସୀ**

ରାୟଗଡ଼(ଗଜପତି),୧୦।୬

ଗଜପତି ଜିଲା ରାୟଗଡ଼ ବ୍ଲକର ସଦଭାବନା ସଭାଗୃହ ଠାରେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡ଼ି ଜିଲା ସଭାପତି ଜଗବନ୍ଧୁ ଦାସ, ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତିପ୍ରସାଦ ପାଣି, ବିଡିଓ ସୁଧୀର କୁମାର ସିଂ, ଜିଲା ପରିଷଦ ସଭ୍ୟ ପିତାମ୍ବର ନାୟକ, ସଭ୍ୟା ଗୌତମୀ ଜାନି, ବ୍ଲକ ସଭାପତି ସୀମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୫ ଟି ସଚିବଙ୍କ ଗଜପତି ଗସ୍ତ ସମୟରେ ଅଞ୍ଚଳବାସୀ ବ୍ଲକର ଉନ୍ନତିକରଣ ଦିଗରେ ବିଭିନ୍ନ ପ୍ରକାର ପ୍ରୋଜେକ୍ଟର ପ୍ରସ୍ତାବ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ରାୟଗଡ଼ ବ୍ଲକକୁ ଏକ ଭେଟି ଦିଆଯାଇଛି।



ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବ୍ଲକର ୨୧ ଟି ପଞ୍ଚାୟତକୁ ୩୦ଟି ପ୍ରକଳ୍ପ ପାଇଁ ୨ କୋଟି ୯୫ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି। ମହେନ୍ଦ୍ରଗିରିକୁ ୫୦ ଲକ୍ଷ, ଜିରାଙ୍ଗ ବଳଦେବଜୀଉ ମନ୍ଦିର ନିର୍ମାଣ ପାଇଁ ୧୦ ଲକ୍ଷ, ରାୟଗଡ଼ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ୧୦ ଲକ୍ଷ, ଝିରଝିରା ଜଳପ୍ରପାତ ପାଇଁ ୧୦ ଲକ୍ଷ, ତୁମ୍ବେଶ୍ୱର ମନ୍ଦିର ନିର୍ମାଣ, କମ୍ୟୁନିଟି ହଲ ନିର୍ମାଣ, ଚର୍ଚ୍ଚ ନିର୍ମାଣ, ମନ୍ଦିର ନିର୍ମାଣ ଆଦି ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରାୟ ୨ କୋଟି ୯୫ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଥିବା ଜଣାପଡିଛି। ଗତ ମେ ୨୯ରେ ବ୍ଲକର ୨୧ଟି ପଞ୍ଚାୟତର ୧୯୦ ଗ୍ରାମକୁ ପାନୀୟଜଳ ଯୋଗାଣ ପାଇଁ ୨୧୫ କୋଟି ୨୧ ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ। ଏହି ଅବସରରେ ରାୟଗଡ଼ ବ୍ଲକବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉକ୍ତ ଉତ୍ସବରେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଆର୍. ବିଜୟ କୁମାର, ସରପଞ୍ଚ, ସମିତି ସଭ୍ୟ, ମନ୍ଦିର ପରିଚାଳନା କମିଟିର ସଭାପତି, ଫାଷ୍ଟର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମୋବାଇଲ୍ ଲୁଟ୍ ଅଭିଯୋଗରେ ୨ ଗିରଫ

ରସୁଲପୁର,୧୦।୬(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ହରିପୁର ହାଟରୁ ମୋବାଇଲ୍ ଚୋରି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯଖପୁରା ଥାନା ଅନ୍ତର୍ଗତ ଦଶମାଣିଆ ରାବଣା ଗ୍ରାମର ମହିପାଳ ଓର୍‌ଫ କିଶରୋ ପ୍ରଧାନ ଓ ତାଙ୍କ ସହଯୋଗୀ ରାଜୁ ଓରଫ ରଘୁ ପ୍ରଧାନ। ଉଭୟଙ୍କ ଘରେ ଚଢ଼ାଉ କରି ପୋଲିସ ୨ ମୋବାଇଲ, ରୂପା ଗହଣା, ଏକ ଦେଶୀ ବନ୍ଧୁକ ଜବତ କରିଛି। ଏଥିସହିତ ଜଣେ ଶିକ୍ଷକଙ୍କ ଲୁଟ୍ ହୋଇଥିବା ମୋବାଇଲ୍‌କୁ ଜବତ କରି ପୋଲିସ ତାଙ୍କୁ ଫେରାଇ ଦେଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସ୍ଥାନୀୟ ନରସିଂହପୁର ପଞ୍ଚାୟତ ହାଇସ୍କୁଲର ଶିକ୍ଷକ ପ୍ରଫୁଲ ମିଶ୍ରଙ୍କଠାରୁ ଗୁରୁବାର ମୋବାଇଲ ଲୁଟ୍ ହୋଇଥିଲା। ବିଦ୍ୟାଳୟ ଛୁଟି ହେବା ପରେ ସେ ତାଙ୍କ ଘର ଟାଉନ ଥାନା ଅଞ୍ଚଳକୁ ଫେରିବା ପୂର୍ବରୁ ହରିପୁର ହାଟରେ ଘର କରଣା ସାମଗ୍ରୀ କିଣାକିଣି କରୁଥିଲେ। ଲୁଟେରା ତାଙ୍କ ମୋବାଇଲକୁ ଲୁଟି ନେଇଥିଲେ। ଏ ସମ୍ପର୍କରେ ଶିକ୍ଷକ ଜଣକ ଜାଣି ପାରି ନ ଥିଲେ। ଘଟଣାର କିଛି ସମୟ ବ୍ୟବଧାନରେ ଅନ୍ୟଜଣେ ଲୋକଙ୍କଠାରୁ ମୋବାଇଲ ଲୁଟ୍ ହେଉଥିବା ସେ ଜାଣିପାରିବା ସହ ଲୁଟେରାଙ୍କୁ କାବୁ କରିବା ପାଇଁ ପ୍ରୟାସ କରିଥିଲେ। ହାଟର କିଛି ଲୋକଙ୍କ ସହାୟତାରେ ଲୁଟେରାଙ୍କୁ କାବୁ କରାଯାଇ ପୋଲିସ ଜିମା ଦିଆଯାଇଥିଲା। ତାଙ୍କ ଜରିଆରେ ପୋଲିସ ଅନ୍ୟଜଣେ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଉଭୟଙ୍କୁ ପଚରାଉଚରା କରିବାରୁ ସେମାନେ ଅନେକ ଚୋରି, ଡକାୟତି, ରାହାଜାନି ଘଟଣାରେ ସମ୍ପୃକ୍ତ ଥିବା ପୋଲିସକୁ ସୁରାକ ମିଳିଛି।

### ସମ୍ପତ୍ତି ହଡ଼ପ ଅଭିଯୋଗ ଆଣିଲେ କିନ୍ନର

ବେଗୁନିଆପଡ଼ା,୧୦।୬: ଦୀର୍ଘ ୫ ବର୍ଷ ଧରି ବେଗୁନିଆପଡ଼ା ଥାନାକୁ ଧାଇଁ ଧାଇଁ ନୟାନ୍ତ ହେଲେଣି ଜଣେ କିନ୍ନର। କିନ୍ତୁ ବାହାରି ପାରୁନି ସମାଧାନର ବାଟ। ବୁରୁଝୁରୀ ପଞ୍ଚାୟତ ପି ନୂଆଗାଁର ରାଜଶ୍ରୀ କିନ୍ନର ନିଜ ମାମୁଙ୍କ ଦତ୍ତ ସନ୍ତାନ ହୋଇଯାଇଛନ୍ତି। ତେବେ ଗତ ୫ ବର୍ଷ ହେବ ମାମୁଙ୍କ ସମ୍ପତ୍ତିକୁ ଜାଲିଆତି କରି କିଛି ଲୋକ ହଡ଼ପ କରୁଥିବା ନେଇ ଅଭିଯୋଗ ଆଣିଛନ୍ତି ରାଜଶ୍ରୀ। ଥାନାଠୁ ଆରମ୍ଭ କରି କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳୁନି। ରାଜଶ୍ରୀଙ୍କ ଚାଷଜମି ୩ ଏକର ଆମ୍ବ ତୋଟା, ପଦର ଏଭଳି ୧୪ ଏକର ଜମିକୁ ଚକ୍ରାନ୍ତ କରି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। କିନ୍ତୁ ଥାନାରେ ଅଭିଯୋଗ ପରେ ବି ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ଆଜି ବି ବେଗୁନିଆପଡ଼ା ଥାନାକୁ ଆସି ନିରାଶ ହୋଇ ଫେରିଛନ୍ତି ରାଜଶ୍ରୀ। ଜଣେ କିନ୍ନରଙ୍କୁ ପୋଲିସ ସହଯୋଗ କରୁନଥିବା ସେ ଅଭିଯୋଗ କରୁଥିବା ବେଳେ ଯଦି ତୁରନ୍ତ କୌଣସି ପଦକ୍ଷେପ ନିଆନଯିବ ତେବେ ଥାନା ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି। ସେପଟେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା କହିଛନ୍ତି ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ।

# ପ୍ରହସନ ହୋଇଛି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ଯାଜପୁର ଅଫିସ,୧୦।୬**

ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଶିକ୍ଷିତ ବେକାର ଯୁବତୀଯୁବକ ନିଯୁକ୍ତି ପଛରେ ନ ଧାଇଁ ଆତ୍ମନିର୍ଭରଶୀଳ ହେବାକୁ ବିଭିନ୍ନ ରାଜନୈତିକ ସଭାସମିତିରେ ଆହ୍ୱାନ କରାଯାଉଛି। ଏଥିପାଇଁ ଯାଜପୁର ଜିଲା ଶିଳ୍ପ କେନ୍ଦ୍ର କାର୍ଯ୍ୟାଳୟ ଅଧୀନରେ ବିଭିନ୍ନ ସମୟରେ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ନେଇ ଦକ୍ଷତାବୃଦ୍ଧି ତାଲିମ ଶିବିର ଆୟୋଜନ କରାଯାଉଛି। ବର୍ଷକୁ ପ୍ରାୟ ୩ ହଜାର ଯୁବତୀଯୁବକଙ୍କୁ ଦକ୍ଷତାବୃଦ୍ଧି ତାଲିମ ଦିଆଯାଇ ସଚେତନ କରାଯାଉଥିବା ବିଭାଗ ପକ୍ଷରୁ ଦାବି ହେଉଛି। ବାସ୍ତବ ପକ୍ଷେ ରାଜ୍ୟର ଉତ୍କଟ ବେକାରି ସମସ୍ୟା ପରିପ୍ରେକ୍ଷୀରେ ନିଯୁକ୍ତି ଓ ଆତ୍ମନିର୍ଭରଶୀଳତାର ବାସ୍ତବ ଚିତ୍ର କିନ୍ତୁ ଭିନ୍ନ ରହୁଛି। କେତେକାଂଶରେ ବ୍ୟାଙ୍କଗୁଡ଼ିକର ଅସହଯୋଗ କାର୍ଯ୍ୟକ୍ରମର ଅଗ୍ରଗତିକୁ ପ୍ରତିହତ କରୁଛି। ନାମକୁ ମାତ୍ର ତାଲିମ ଓ ପଞ୍ଜୀକରଣରେ ବିଭାଗୀୟ କାର୍ଯ୍ୟକ୍ରମ ସୀମିତ ରହିଥିବା ଅଭିଯୋଗ ହେଉଛି।

ସାମଗ୍ରିକ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ଯୋଜନାଟି ତେଲିଆ ମୁଣ୍ଡରେ ତେଲ ହେଉଥିବା ସହ କେତେଜଣ ବିଭାଗୀୟ କର୍ମଚାରୀଙ୍କ ଆୟର ପନ୍ଥା ପାଲଟିଛି। ଫଳରେ ଆଶାୟୀ ଯୁବତୀଯୁବକମାନେ କାର୍ଯ୍ୟରତ କେତେକ କର୍ମଚାରୀଙ୍କ ଦ୍ୱାରା ଅନେକ ସମୟରେ ହଟହଟା ହେଉଥିବା ଅଭିଯୋଗ ହୋଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ ଶିଳ୍ପ କମ୍ପାନୀରେ ନିଯୁକ୍ତି ପାଇଁ ନିକଟରେ ପଶ୍ଚିମବଙ୍ଗ ଖଡ଼ଗପୁରରେ ଆୟୋଜିତ ଇଣ୍ଟରଭ୍ୟୁ ପ୍ରକ୍ରିୟାକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ସେଠାରେ ଓଡ଼ିଆ ଶିକ୍ଷିତ ଯୁବତୀଯୁବକ ହୀନସ୍ତା ହେବା ସହ ନିର୍ଯାତିତ ହୋଇ ନିରାଶ ହୋଇ ଫେରିଥିଲେ। ଏହାବାଦ ଅଧିକାଂଶ ଅଣଓଡ଼ିଆ ଠିକାସଂସ୍ଥା ଦ୍ୱାରା ଏଠାରେ ଉଚ୍ଚଶିକ୍ଷିତ ବେକାର ଯୁବତୀଯୁବକ ଉପଯୁକ୍ତ ପଦପଦବୀରେ ନିଯୁକ୍ତି ନ ପାଇ ଶ୍ରମିକ ଭଳି ଖଟୁଥିବା କେତେକ ଶିଳ୍ପ କମ୍ପାନୀରେ ଦେଖିବାକୁ ମିଳୁଛି। ଏହିସବୁ ଘଟଣାକୁ ପ୍ରଶାସନ ଜାଣିଶୁଣି ନୀରବ ରହି ପରୋକ୍ଷରେ ଶିଳ୍ପପତିମାନଙ୍କୁ ସହଯୋଗ କରୁଥିବା ମତପ୍ରକାଶ ପାଇଛି। ଜିଲାର ଶିଳ୍ପ ବିକାଶ ପାଇଁ ଗୁରୁଦାୟିତ୍ୱ ବହନ କରୁଥିବା ଶିଳ୍ପକେନ୍ଦ୍ର, ବ୍ୟାଙ୍କ/ଆର୍‌ଆର୍‌ବି, କେଭିଆଇସି ଓ କେଭିଆଇବି ଆବଶ୍ୟକତା ଅନୁଯାୟୀ ସକ୍ରିୟ ହେଉ ନଥିବା ଯୋଗୁ ଜିଲାରେ ଶିଳ୍ପ ବିକାଶର ଗତି ଦିନକୁ ଦିନ ମନ୍ଥର ହେବାରେ ଲାଗିଛି। ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ଉଦ୍ୟୋଗୀମାନଙ୍କ ଦ୍ୱାରା ଲଘୁ ଉଦ୍ୟୋଗ ସ୍ଥାପନ ପାଇଁ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ବେକାର ଯୁବତୀଯୁବକମାନଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଯୋଜନାରେ ଋଣ ପରିମାଣ ଓ ରିହାତିକୁ ବୃଦ୍ଧି କରାଯାଇଛି ସତ, ହେଲେ ଏଥିରେ ପ୍ରକୃତ ହିତାଧିକାରୀ ଉପକୃତ ହୋଇ ପାରୁନାହାନ୍ତି। ଏହାର ରାଜନୈତିକ ପ୍ରଭାବ ରହିଛି ଏବଂ ଯେଉଁମାନେ ଋଣ ଶୁଝିବାର ଆର୍ଥିକ କ୍ଷମତା ରଖୁଛନ୍ତି ସେମାନଙ୍କୁ ଅଧିକ ଅଗ୍ରାଧିକାର ମିଳୁଥିବା ଅଭିଯୋଗ ହେଉଛି। ଫଳରେ ଏହି ଯୋଜନା ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି ହେବା ତ ଦୂରର କଥା କ୍ରମଶଃ ତାହା ସଙ୍କୁଚିତ ହେଉଛି। ତେବେ ଆବଶ୍ୟକ ଭିତ୍ତିଭୂମି ଓ ଯୋଜନା ଅନ୍ତର୍ଗତ ନୀତି ନିୟମ ଭିତରେ ଉତ୍ତୀର୍ଣ୍ଣ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି। ଉପରୋକ୍ତ ହିତାଧିକାରୀ ଚୟନ କରିବାକୁ ଜିଲା ଟାସ୍କଫୋର୍ସ କମିଟି ରହିଛି, ଯେଉଁଥିରେ ଜିଲାପାଳ ଅଧ୍ୟକ୍ଷ ଭାବେ ରହିଛନ୍ତି। ଗ୍ରାମାଞ୍ଚଳରେ ଶିଳ୍ପ ବିକାଶର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଆଇପିଓମାନେ ଉପଯୁକ୍ତ ଦାୟିତ୍ୱ ନିର୍ବାହ କରୁନାହାନ୍ତି। ଯୋଜନାରେ ସାମିଲ ହେବା ପାଇଁ ଶତାଧିକ ବେକାର ଯୁବତୀଯୁବକ ଦୈନିକ ବ୍ଲକ, ତହସିଲକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡୁଛନ୍ତି। ଏତଦ୍‌ଭିନ୍ନ କେତେଜଣ ପ୍ରାର୍ଥୀଙ୍କୁ ଋଣ କରାଇ ଦେବାର ଲୋଭ ଦେଖାଇ ମୋଟା ଅଙ୍କର ଲାଞ୍ଚ ନିଆଯାଉଥିବା ଅଭିଯୋଗ ହେଉଛି। ସେହିପରି ଆଶାୟୀ ଥିବା ହିତାଧିକାରୀ ପ୍ରକଳ୍ପ ରିପୋର୍ଟ ଓ ବୈଷୟିକ ସହାୟତା ଚାହୁଁଥିବା ଲୋକେ ବ୍ୟାପକ ହଇରାଣ ହେଉଛନ୍ତି। ଶିଳ୍ପକେନ୍ଦ୍ର ଦ୍ୱାରା ଜିଲାରେ କେତେକ ହାତଗଣତି ପ୍ଲାଷ୍ଟିକ ଉତ୍ପାଦନ କାରଖାନା ଥିବା ଜଣାପଡ଼ିଛି। ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ଏମାନେ ଚାହିଦା ମୁତାବକ ସାମଗ୍ରୀ ଯୋଗାଇ ପାରୁ ନ ଥିବାରୁ ବାହାରୁ ବିଭିନ୍ନ ପ୍ଲାଷ୍ଟିକ ସାମଗ୍ରୀ ରପ୍ତାନି ହେଉଥିବା ଜଣାପଡିଛି। ଶତାଧିକ ଯୁବତୀଯୁବକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଆବେଦନ କରିଛନ୍ତି। ହେଲେ ଉପଯୁକ୍ତ ସହଯୋଗ ଅଭାବରୁ ଆବେଦନ ପତ୍ରଗୁଡିକ ଫାଇଲ ଭିତରେ ଚପି ରହିଯାଇଛି। ଏ ସଂକ୍ରାନ୍ତରେ ମତାମତ ନେବାକୁ ଜିଲା ଶିଳ୍ପକେନ୍ଦ୍ରର ଆଞ୍ଚଳିକ ମ୍ୟାନେଜର ଅଭୟ କୁମାର ନାୟକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

## ଦୁର୍ଘଟଣାରେ ଗୋଡ଼ ହରାଇଲେ ସ୍କୁଟି ଆରୋହୀ

ବସ୍ତା, ୧୦।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ସାମୁଦ୍ରିକ ଥାନା ବାହାବଳପୁର ରାସ୍ତାରେ ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଆରୋହୀ ଗୁରୁତର ହୋଇଛନ୍ତି। ଏପରିକି ତାଙ୍କର ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ କଟିଯାଇଛି। ସ୍ଥାନୀୟ ଏଣ୍ଡ୍ରାଇ ଗାଁର ଗୌରାଙ୍ଗ ସ୍ୱାଇଁ ଏକ ସ୍କୁଟି ଯୋଗେ ବାହାବଳପୁରରୁ ଫେରିବା ବେଳେ ସାମ୍ନାରୁ ଏକ ଟ୍ରକ ଦ୍ରୁତଗତିରେ ଆସୁଥିବା ଦେଖି ସେ ହଡ଼ବଡ଼େଇ ଯାଇ ରାସ୍ତାକଡ଼କୁ ଖସି ଯାଇଥିଲେ। ଏହି ସମୟରେ ସେ ଓ ତାଙ୍କ ପଛରେ ବସିଥିବା ନୀଳଦା ଗାଁର ତାପସ ମିଶ୍ର ପଡ଼ିଯାଇ ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ସେ ଦୁହିଁଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ନିଆଯାଇଥିଲା। ଗୌରାଙ୍ଗ ବିପଦମୁକ୍ତ ଥିବା ବେଳେ ତାପସଙ୍କ ଗୋଡ଼ ସମ୍ପୂର୍ଣ୍ଣ କଟାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଡ୍ରାଇଭର ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବାଲିଚନ୍ଦ୍ରପୁରରେ ଯୁବ ବିଜେଡି ସମାବେଶ



ଯୁବ ବିଜେଡ଼ି ସମାବେଶରେ ଯୋଗଦେଇଥିବା ନେତା ଓ କର୍ମୀ।

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୦।୬ (ଡି.ଏନ.ଏ./ସ୍ୱ.ପ୍ର.):

ବଡ଼ଚଣା ବିଜେଡି ପକ୍ଷରୁ ବାଲିଚନ୍ଦ୍ରପୁରଠାରେ ଥିବା ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଯୁବ ବିଜେଡି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଚନ୍ଦ୍ରପୁର, ପତରାଜପୁର, ନଳୀପୁର, ମାଣ୍ଡୁକା ଓ ଚାରିନଙ୍ଗଳ ପଞ୍ଚାୟତର ଯୁବକଙ୍କୁ ନେଇ ସମାବେଶ କରାଯାଇଥିଲା। ନଳୀପୁର ସରପଞ୍ଚ ଅବଦୁଲ ଗନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ଯୋଜନା କିପରି ସାଧାରଣ ଲୋକଙ୍କ ନିକଟରେ ଠିକ ଭାବରେ ପହଞ୍ଚିବ ସେଥିପାଇଁ ଯୁବକମାନେ ତତ୍ପର ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଯୁବନେତା ସଞ୍ଜୟ କୁମାର ଖୁଣ୍ଟିଆଙ୍କ ସଞ୍ଚାଳନରେ ଆୟୋଜିତ ସମାବେଶରେ ସରପଞ୍ଚ ପ୍ରମୋଦ କୁମାର ଜେନା, ପୂର୍ବତନ ସରପଞ୍ଚ ଦମୟନ୍ତୀ ସାମଲ, ଯୁବନେତା ଧନେଶ୍ୱର ବେହେରା, ପୂର୍ବତନ ସମିତିସଭ୍ୟ ଦିଲୀପ କୁମାର ସାମଲ, ରଞ୍ଜନ କୁମାର ଜେନା, ବସନ୍ତ କୁମାର ପରିଡ଼ା, ଦେବାଶିଷ ସାମଲ, ଚତୁର୍ଭୁଜ ସାମଲ, ସେକ୍ କାଲୋ, ନିତ୍ୟାନନ୍ଦ ମଲ୍ଲିକ, ଲକ୍ଷ୍ମୀଧର ବାନା, ମାନସ ଦେଓ, ସେକ୍ ଜାହିର, କାଳନ୍ଦୀ ଦାସ, ପ୍ରଭଞ୍ଜନ ସାମନ୍ତରାୟ ଓ ଭ୍ରମର ବର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଥିଲେ। କର୍ମୀମାନେ ୫୩ନଂ. ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଛକରୁ ଏକ ମୋଟର ସାଇକେଲ ରାଲିରେ ମୁଖ୍ୟଅତିଥିଙ୍କୁ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

## ରଥଯାତ୍ରା ପ୍ରସ୍ତୁତି ବୈଠକରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ନୀଳଗିରି, ୧୦।୬(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ଗତ ୬ତାରିଖରେ ରଥଯାତ୍ରା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପୌରୋହିତ୍ୟ କରିଥିଲେ। ବୈଠକରେ ଜିଲା ତଥା ଉପଖଣ୍ଡସ୍ତରୀୟ ପ୍ରଶାସନିକ ଅଧିକାରୀ, ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ଜିଲା ଏସ୍‌ପି ସାଗରିକା ନାଥ ଓ ଉପଖଣ୍ଡସ୍ତରୀୟ ଗଣମାଧ୍ୟମ ପ୍ରତିନିଧି, ଜନପ୍ରତିନିଧି ଉପସ୍ଥିତ ଥିଲେ। ଉତ୍କଳ ସାମ୍ବାଦିକ ସଂଘ, ନୀଳଗିରିର ବ୍ଲକ ସଭାପତି ବ୍ରଜକିଶୋର ପାଣି ଆଲୋଚନାରେ ଅଂଶଗ୍ରହଣ କରି ଠାକୁର ମାହାଲରେ ରଥଯାତ୍ରା ପାଇଁ ବାର୍ଷିକ ୫୦ଲକ୍ଷ ଟଙ୍କା ଇନ୍‌କମ ସୋର୍ସ ଥିବା ବେଳେ ଜମା ଟଙ୍କା ଖର୍ଚ୍ଚ କରିବା, କୁଡୁଆ ପ୍ରସାଦ ନିଲାମ ନ ହୋଇ ବନ୍ଦ ରହିବା, ବେଆଇନ ଭାବେ ପ୍ରସାଦ ତିଆରି କରି ବିକ୍ରି କରିବା ଆଦି ଉପସ୍ଥାପନ କରିଥିଲେ। ଜିଲାପାଳ ଏସବୁ ଉପରେ ତ୍ୱରିତ୍ ପଦକ୍ଷେପ ନେବେ ବୋଲି କହିଥିଲେ। ଏହାପରେ ଜିଲାପାଳ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଚୁପ୍ ରହିବାକୁ କହିଥିଲେ। ଏପରି ବ୍ୟବହାର ଖବରଦାତାଙ୍କୁ ମାନସିକ ଭାବେ ଆଘାତ ପାଇଛନ୍ତି। ୭ଦିନ ମଧ୍ୟରେ ସମାଧାନ କରା ନ ଗଲେ ଆଗାମୀ ରଥଯାତ୍ରା ଖବର ପରିବେଷଣରୁ ବିରତ ରହି ଗଣଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ମୁଖ୍ୟ ଶାସନ ସଚିବ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ, ରାଜ୍ୟ ସଭାପତି ଉତ୍କଳ ସାମ୍ବାଦିକ ସଂଘ, ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ, କଟକ ଆରଡିସି, ବାଲେଶ୍ୱର ଏମ୍‌ପି, ନୀଳଗିରି ବିଧାୟକଙ୍କୁ ଜଣାଇଛନ୍ତି।

# ଇସ୍ରୋର ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମରେ ବଡ଼ଚଣାର ଛାତ୍ର


ଇସ୍ରୋ ଅଧ୍ୟକ୍ଷ ଏସ୍ ସୋମନାଥଙ୍କଠାରୁ ପ୍ରଶଂସା ପତ୍ର ଗ୍ରହଣ କରୁଛନ୍ତି ବିଷ୍ଣୁପ୍ରସାଦ ସାହୁ।

**ଚଣ୍ଡିଖୋଲ,୧୦।୬(ଡି.ଏନ.ଏ.):**

ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ) ପକ୍ଷରୁ ୨୦୨୩ ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱାନ ମହାକାଶ ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଶିକ୍ଷାନୀତି-୨୦୨୦ର 'କ୍ୟାଚିଂ ଦି ୟଙ୍ଗ' ପ୍ରୋଗ୍ରାମ ଅନୁଯାୟୀ ସାରା ଦେଶର ୩୫୨ ହାଇସ୍କୁଲର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଓଡ଼ିଶାରୁ ୯ଟି ବିଦ୍ୟାଳୟର ୯ଜଣ ଛାତ୍ର ଭାଗ ନେଇଥିଲେ। ବଡ଼ଚଣାସ୍ଥିତ ସରକାରୀ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ବିଷ୍ଣୁପ୍ରସାଦ ସାହୁ ଯୋଗଦେଇ ପ୍ରଶଂସିତ ହୋଇଛନ୍ତି। ସେ ଇସ୍ରୋର ଅଧ୍ୟକ୍ଷ ଏସ୍. ସୋମନାଥଙ୍କଠାରୁ ପ୍ରଶଂସାପତ୍ର ଗ୍ରହଣ କରିଛନ୍ତି। ବଡ଼ଚଣାର ଶିକ୍ଷକ ଗୋପୀନାଥ ସାହୁ ଓ ଶିକ୍ଷୟିତ୍ରୀ ରିନା ସାହୁଙ୍କ ଏକମାତ୍ର ପୁତ୍ର ହେଉଛନ୍ତି ବିଷ୍ଣୁପ୍ରସାଦ। ତାଙ୍କର ସଫଳତାରେ ବଡ଼ଚଣା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପୂର୍ବରୁ ସେ ବିଜ୍ଞାନ କୁଇଜ୍ ଓ ପ୍ରକଳ୍ପ ପ୍ରଦର୍ଶନରେ ରାଜ୍ୟରେ ପୁରସ୍କୃତ ହୋଇଛନ୍ତି।

ସୂଚନା ମୁତାବକ, ଇସ୍ରୋ ପକ୍ଷରୁ ୨ ବର୍ଷ ହେବ ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ ଦେଶର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମହାକାଶ ବିଜ୍ଞାନ ସମ୍ପର୍କରେ ବୁଝାଇବା ସହ ୨ ସପ୍ତାହର ପ୍ରଶିକ୍ଷଣ ଦିଆଯାଇଥାଏ। ଏଥିରେ ଯେଉଁମାନେ ସଫଳତା ହାସଲ କରନ୍ତି ସେମାନଙ୍କୁ ଇସ୍ରୋ ପକ୍ଷରୁ ପ୍ରଶଂସା ପତ୍ର ଅଧ୍ୟକ୍ଷ ପ୍ରଦାନ କରିଥାନ୍ତି।

# ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ଅଭିଯୋଗରେ ୨ ଗିରଫ

କୋଡ଼ପଡ଼ା,୧୦।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ମୁଗୁପୁର ଉତ୍ତରେଶ୍ୱର ଶିବ ମନ୍ଦିର ହୁଣ୍ଡି ଭାଙ୍ଗିବା ଘଟଣାରେ ପୋଲିସ ୨ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ପଞ୍ଚୁଗୋଛିଆ ପଞ୍ଚାୟତ ବରଡ଼ି ଗ୍ରାମର ଜଗନ ଜେନା(୨୨) ଓ ବୃନ୍ଦାବନ ଜେନା(୨୫)। ଦୁର୍ବୃତ୍ତ ମୁଗୁପୁର ଉତ୍ତରେଶ୍ୱର ଶିବ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି କରିଥିଲେ। ଏ ନେଇ ମନ୍ଦିର କମିଟି ପକ୍ଷରୁ ଆନନ୍ଦପୁର ଥାନାରେ ଏକ ଏତଲା ଦିଆଯାଇଥିଲା। ଅଭିଯୁକ୍ତ ଦ୍ୱୟଙ୍କ ସୂଚନା ପାଇ ପୋଲିସ ବରଡ଼ିରେ ଚଢ଼ାଉ କରି ଦୁଇ ଭାଇଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ତାଙ୍କ ଠାରୁ ୫୯ ହଜାର ୨୪୬ ଟଙ୍କା ଜବତ ହୋଇଛି। ଥାନାରେ (ନଂ. ୧୧୩/୨୩) ମାମଲା ରୁଜୁ ହୋଇ କୋର୍ଟଚାଲାଣ କରାଯାଇଥିବା ଆନନ୍ଦପୁର ଥାନା ଅଧିକାରୀ ଦେବକୀ ନାୟକ କହିଛନ୍ତି।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶୋଭାଯାତ୍ରା, ପଥପ୍ରାନ୍ତ ସଭା

**ଚଣ୍ଡିଖୋଲ,୧୦।୬(ଡି.ଏନ.ଏ.):**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବଡ଼ଚଣା ପକ୍ଷରୁ ଶନିବାର ଚଣ୍ଡିଖୋଲଛକଠାରେ ଜନ ସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ 'ମୋଦି ହଟାଅ ଦେଶ ବଞ୍ଚାଅ' ସ୍ଲୋଗାନରେ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରେ ୮ଦଫା ଦାବିନେଇ କମ୍ରେଡ କିଶୋର ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ଜିଲା ସମ୍ପାଦକ ଈଶ୍ୱର ଚନ୍ଦ୍ର ପରିଡ଼ା, ରାଜ୍ୟ ପରିଷଦ ସଭ୍ୟ ମଳୟ ପଣ୍ଡା, ବରିଷ୍ଠ କମ୍ୟୁନିଷ୍ଟ ନେତା ଯତୀନ୍ଦ୍ର ଜେନା, କାର୍ଯ୍ୟକାରୀ କମିଟି ସଭ୍ୟ ଭଗବାନ ପଣ୍ଡା, ଏଆଇଟିୟୁସିର କରୁଣା କର ମହାରଣା, କୃଷକ ନେତା ରଞ୍ଜନ ଜେନା, ଜୋନ ସମ୍ପାଦକ ଅଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ।

ପେଟ୍ରୋଲ ଓ ଡିଜେଲ ମୂଲ୍ୟ ହ୍ରାସ, କଳା ବଜାର ରୋକିବା ସହ ଦରଦାମ ନିୟନ୍ତ୍ରଣ, ବାହାନଗା ରେଳ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ୨୦୦ ୟୁନିଟ ବିଜୁଳି ମାଗଣା ପ୍ରଦାନ, ଚଣ୍ଡିଖୋଲକୁ ଏନ୍‌ଏସି ମାନ୍ୟତା, ଚଣ୍ଡିଖୋଲରେ ଟ୍ରାଫିକ ବ୍ୟବସ୍ଥାର ସ୍ଥାୟୀ ସମାଧାନ, ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୦୦୦ ଟଙ୍କା ପ୍ରଦାନ ଓ ଚଣ୍ଡିଖୋଲକୁ ମୋ ବସ ସେବା ପ୍ରଦାନ ଆଦି ଦାବି ନେଇ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।



ପଥପ୍ରାନ୍ତ ସଭାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନେତା ଓ କର୍ମୀ।

# ଜିରୋ କାଜୁଆଲ୍‌ଟି ପାଇଁ ଦିଆଯିବ ତାଲିମ

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି

**ଯାଜପୁର ଟାଉନ,୧୦।୬(ଡି.ଏନ.ଏ.):**

ଯାଜପୁର ଜିଲା ଜରୁରୀ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ସମ୍ଭାବ୍ୟ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟକୁ ସୁଚାରୁ ରୂପେ ମୁକାବିଲା ଓ ପରିଚାଳନା ପୂର୍ବକ ଏକ ତାଲିମ୍ ଏବଂ ଅଭ୍ୟାସଗତ ପ୍ରଦର୍ଶନଜନିତ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ଉପ-ଜିଲାପାଳ ଗୋପୀନାଥ କୁଅଁର ଜିଲା ଜରୁରୀ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ବିପର୍ଯ୍ୟୟ ଆସିଲେ କିଭଳି ସଫଳ ଭାବେ ମୁକାବିଲା କରି ଧନ ଜୀବନକୁ ସୁରକ୍ଷା ଦେବା ସହ ତୃଣମୂଳସ୍ତରଠାରୁ ଜିଲାସ୍ତର ପର୍ଯ୍ୟନ୍ତ ପ୍ରସ୍ତୁତ ରହିବାକୁ ପଡ଼ିବ ସେ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଡ. ମହାନ୍ତ ପ୍ରକାଶ କରିଥିଲେ।


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ।

ଆସନ୍ତା ୧୮ତାରିଖରେ ସମସ୍ତ ବ୍ଲକ୍ ମୁଖ୍ୟାଳୟ, ପୌରାଞ୍ଚଳ ମୁଖ୍ୟାଳୟ ଏବଂ ଜିଲା ସଦର ମହକୁମାଠାରେ ଆକସ୍ମିକ ଦୁର୍ବିପାକକୁ ସଫଳ ଭାବେ ମୁକାବିଲା କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଜିରୋ କାଜୁଆଲିଟି ଯେଭଳି ବଜାୟ ରହିବ ସେଥିପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ ପ୍ରାକ୍ ପ୍ରସ୍ତୁତି ନିମନ୍ତେ ତାଲିମ ପ୍ରଦାନ କରାଯିବ। ସେହିଭଳି ୧୯ ତାରିଖରେ ଜିଲାର ସମସ୍ତ ୨୫ ବହୁମୁଖୀ ବାତ୍ୟା, ବନ୍ୟା ଆଶ୍ରୟସ୍ଥଳରେ ଦୁର୍ବିପାକକୁ ମୁକାବିଲା ଜନିତ ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ ଜନପ୍ରତିନିଧି, ଅଗ୍ନିଶମ ସେବା ବିଭାଗ, ଓଡ୍ରାଫ୍ ଏବଂ ଏନ୍‌ଡିଆର୍‌ଏଏଫ୍ ମିଳିତ ଆନୁକୂଲ୍ୟରେ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୮ତାରିଖରେ ଟେବୁଲ ଟପ୍ ଏକ୍ସରସାଇଜ ଏବଂ ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମକ୍‌ଡ୍ରିଲରେ ବନ୍ୟା, ବାତ୍ୟା, ଟି-ସୁନାମି ଆଦି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକୁ ସଫଳ ଭାବେ ମୁକାବିଲା ନିମନ୍ତେ ଏକ ଅଭ୍ୟାସ କାର୍ଯ୍ୟକ୍ରମ ହେବ। ଏଥିପାଇଁ ଜନସାଧାରଣ ଭୟଭିତ ହେବାର କାରଣ ନାହିଁ ବୋଲି ଅତିରିକ୍ତ ଜିଲାପାଳ ଡ. ମହାନ୍ତ ସୂଚନା ଦେଇଛନ୍ତି।

ଏହିଭଳି ବିପର୍ଯ୍ୟୟ ମୁକାବିଲାରେ ଗୋଷ୍ଠୀଗତ ଭୂମିକା ଅତ୍ୟନ୍ତ ରୂପେ ସହାୟକ ହୋଇଥାଏ ବୋଲି ସେ ପ୍ରକାଶ କରିବା ସହ ବିଡିଓମାନଙ୍କ ଅଧୀନରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଗୁଡିକର ଆନୁସଙ୍ଗିକ ଭିତ୍ତିଭୂମି ଅନୁଧ୍ୟାନ କରି ସୁଦୃଢ଼ୀକରଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଉରିଆ, ଉପଜିଲାପାଳ କୁଅଁର ରାପିଡ୍ ରେସ୍‌ପନ୍‌ସ୍ ଟିମ୍ ତଥା ବିପର୍ଯ୍ୟୟ ପରିଚାଳନା ଯୋଜନାରେ ସମସ୍ତ ବିଡିଓ ଏବଂ ପୌର ସଂସ୍ଥା ନିର୍ବାହୀ ଅଧିକାରୀ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ।

## ସଂକ୍ଷେପରେ

### ୫୩ ୟୁନିଟ୍ ରକ୍ତ ସଂଗ୍ରହ

ରାଜକନିକା,୧୦।୬(ଡି.ଏନ୍.ଏ.): ଓଳାଭର ଯୁବକ ସଂଘ ଓ ଉପଦେଷ୍ଟା ମଣ୍ଡଳୀଙ୍କ ତରଫରୁ ଓଳାଭର ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଓଳାଭର ପଞ୍ଚାୟତ ସରପଞ୍ଚ ନହୁଷ କୁମାର ନାୟକ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ କୈଳାସ ଚନ୍ଦ୍ର ବେହୁରା ଉପସ୍ଥିତ ଥିଲେ। ଯୁବକ ସଂଘର ସଭାପତି ପ୍ରଫୁଲ୍ଲ ପୃଷ୍ଟି ଏବଂ ସମ୍ପାଦକ ଶ୍ରୀନିବାସ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୩ ୟୁନିଟି ରକ୍ତ ସଂଗୃହିତ ହୋଇଥିଲା । ଭୀମସେନ ସାମଲ, ଗିରିଜା ପ୍ରସାଦ ସାହୁ, ପ୍ରଭାତ ପୃଷ୍ଟି, ସୁବାସ ଦାସ, ରୋହିତ ବେହେରା, ମନୋରଞ୍ଜନ ବିହାରୀ, ଜୟଦେବ ପଣ୍ଡା ଓ ଅମର କୁମାର ପାଲଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରାଜନଗର,୧୦।୬(ଡି.ଏନ୍.ଏ.): ନିମ୍ନ ମାଧ୍ୟମିକ ସଂଘର ଲଢୁଆ ସାଥି ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ମଲିକ ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ପୈତୃକ ଗାଁ ବଡପଲ୍ଲୀରେ ଅନ୍ତିମ ସଂସ୍କାର କରାଯାଇଛି। ସେ ଜଣେ ବନ୍ଧୁ ଓ ଛାତ୍ର ବତ୍ସଳ ଶିକ୍ଷକ ଥିଲେ। ତାଙ୍କ ବିୟୋଗରେ ରାଜନଗର ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ବିଜୟ କୁମାର ଜେନା, ଦାମୋଦର ସ୍ୱାଇଁ, ଦୟାନିଧି ସ୍ୱାଇଁ, ସୁଶାନ୍ତ ପ୍ରଧାନ, ହେମନ୍ତ ବାରିକ, ଅକ୍ଷୟ କୁମାର ରାଉତ, ଚିତ୍ତ ରଞ୍ଜନ ସ୍ୱାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବ୍ରହ୍ମ ତାଳଧ୍ୱଜରେ ଯୋଡ଼ାଯାଉଛି ବରାନ୍ଦ

କେନ୍ଦ୍ରାପଡା ଅଫିସ, ୧୦।୬

ଆସନ୍ତା ୨୦ ତାରିଖରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ତହିଁ ପରଦିନ କେନ୍ଦ୍ରାପଡ଼ାର ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିର ଅଭିମୁଖେ ଗଡ଼ିବ। ଏହି ରଥ ନିର୍ମାଣ କାର୍ଯ୍ୟ ଏବେ ରଥଖଳାରେ ଦ୍ରୁତଗତିରେ ଚାଲିଛି। ବ୍ରହ୍ମ ତାଳଧ୍ୱଜ ରଥର ଏବେ ବରାନ୍ଦ ଯୋଡ଼ା ହେଉଛି। ଓଡ଼ିଶାର ରଥଯାତ୍ରାର ଶ୍ରଦ୍ଧାଳୁଙ୍କ ଯୋଗଦାନକୁ ଲକ୍ଷ୍ୟ କଲେ ତୁଳସୀ କ୍ଷେତ୍ରରେ ଏହା ଦ୍ୱିତୀୟ ସ୍ଥାନରେ ରହିବ। ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ରଥାରୂଢ଼ ଶ୍ରୀଜୀଉଙ୍କ ସାନ୍ନିଧ୍ୟ ପାଇଁ ସମବେତ ହୁଅନ୍ତି।

ଏ ସମ୍ପର୍କରେ ଶ୍ରଦ୍ଧାଳୁ ରାଜେଶ କୁମାର ବେହେରା କହିଛନ୍ତି, ଇଚ୍ଛାପୁରସ୍ଥ ବ୍ରହ୍ମ ତାଳଧ୍ୱଜ ରଥରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉ ବିରାଜମାନ କରିବେ। ଏହାର ଦର୍ଶନ ପାଇଁ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥାନ୍ତି। ଶ୍ରୀଜୀଉ ମର୍ଣିବିଗ୍ରହ ହୋଇଥିବା ବେଳେ ତାଙ୍କ ରଥକୁ ବ୍ରହ୍ମ ତାଳଧ୍ୱଜ କୁହାଯାଏ। ସ୍ନାନ ପୂର୍ଣ୍ଣିମାରେ ଚକ ଡ଼େରା ହୋଇଥିଲା। ଏବେ ବରାନ୍ଦ ଯୋଡ଼ା ହେଉଛି। ଶ୍ରୀଜୀଉଙ୍କ ମାଉସୀ ମା' ମନ୍ଦିର ଅଭିମୁଖେ ଯାତ୍ରାକୁ ଅପେକ୍ଷା କରାଯାଇଛି। ରଥ ନିର୍ମାଣ ସମ୍ପର୍କରେ ମୁଖ୍ୟ ମହାରଣା ରମାକାନ୍ତ ବେହେରା କହିଛନ୍ତି, ଶ୍ରୀଜୀଉଙ୍କ ପାଇଁ ଏହି କ୍ଷେତ୍ରରେ ୩ ରଥ



ବ୍ରହ୍ମ ତାଳଧ୍ୱଜରେ ବରାନ୍ଦ ଯୋଡ଼ା ହୋଇଛି।

ନିର୍ମାଣ ହୁଏନାହିଁ। ଏକ ବିଶାଳ ରଥ ନିର୍ମାଣ ହୋଇ ଚତୁର୍ଦ୍ଧା ମୂର୍ତ୍ତି ମାଉସୀ ମା' ମନ୍ଦିରକୁ ଯାଇଥାନ୍ତି। ଏହି ରଥର ଉଚ୍ଚତା ୪୩ ହାତ ୧୦ ଅଙ୍ଗୁଳି। କଳସ ଓ ନେତକୁ ବାଦ ଦେଲେ କେବଳ ରଥର ଉଚ୍ଚତା ୬୫ ଫୁଟ ୬ ଇଞ୍ଚ। ରଥର ବ୍ୟାସ ୩୮ ଫୁଟ। ବଖୁରିଆ ଯନ୍ତ୍ରରେ ମାପ ହୋଇ ନିର୍ମିତ ହେଉଥିବା ଏହି ବ୍ରହ୍ମ ତାଳଧ୍ୱଜ ରଥର ଉଚ୍ଚତା ଅଥବା ବ୍ୟାସ କେବେ କମ୍ ହୋଇନାହିଁ। ନିର୍ମାଣ କାର୍ଯ୍ୟରେ ୭୨ କାରିଗର ସାମିଲ ରହିଛନ୍ତି। ଗବେଷକ ଅଧ୍ୟାପକ କ୍ଷୀତିଶ କୁମାର ସିଂହ କହିଛନ୍ତି, ମରହଟ୍ଟା ସନ୍ନ୍ୟାସୀ ସନ୍ଥ ଗୋପାଳ ଦାସ ୧୭୨୮ରେ ତୁଳସୀ କ୍ଷେତ୍ରରେ ଅବସ୍ଥାନ କରୁଥିଲେ। ସେବେଠାରୁ ଶ୍ରୀଜୀଉ ଓ ମାଉସୀ ମା'ଙ୍କ ମନ୍ଦିର ନିର୍ମାଣ ହୋଇଥିଲା। ଏହି ମହାତ୍ମା ହିଁ ରଥଯାତ୍ରା ପ୍ରଚଳନର ମୂଳକର୍ତ୍ତା। ବିଭିନ୍ନ ଶାସ୍ତ୍ର ଓ ଲୋକକଥା ଅନୁଯାୟୀ, ଦ୍ୱିବିଦ ଦାନବ ବଧ କାଳରେ ବ୍ରହ୍ମା ଏହି ତାଳଧ୍ୱଜ ରଥ ଶ୍ରୀଜୀଉଙ୍କୁ ପ୍ରଦାନ କରିଥିଲେ। ବଳଦେବ ସ୍ୱୟଂ ବାସୁଦେବ ଓ ଅନନ୍ତ। ସେ ପ୍ରଥମେ ତୁଳସୀ କ୍ଷେତ୍ରର ପୁରଣା ବସ୍‌ଷ୍ଟାଣ୍ଡ ନୀକଟସ୍ଥ ପୁରୁଣା ମନ୍ଦିରରେ ଏକାକୀ ପୂଜା ପାଉଥିଲେ। ଇଚ୍ଛାପୁରରେ ଶ୍ରୀଜୀଉ, ମା' ସୁଭଦ୍ରା ଓ ସାନଭାଇ ଶ୍ରୀଜଗନ୍ନାଥଙ୍କ ସହ ପୂଜା ପାଉଛନ୍ତି। କ୍ଷେତ୍ରାଧିପତି ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥରେ ବିଭିନ୍ନ ଦେବତା ଓ ପାର୍ଶ୍ୱଦେବତା ରହିଛନ୍ତି। ରଥକୁ ବ୍ରହ୍ମ ତାଳଧ୍ୱଜ କୁହାଯାଉଥିବା ବେଳେ ଏହାର ଦାତା ସ୍ୱୟଂ ବ୍ରହ୍ମା। ବାସୁଦେବ ଭାସ୍କର ରଥ ରକ୍ଷକ, ଆୟୁଧ ହଳମୂଷଳ, ଭଦ୍ରପୀଠ ଅଷ୍ଟଦଳ କମଳ, ସାରଥି ହେଉଛନ୍ତି ସୁମତି, ଉର୍ଦ୍ଧ୍ୱ ଦେବତା ନାଗ, ରଥାଶ୍ୱ ତୀବ୍ର, ଘୋର, ମୁଖର ଓ ଦୀର୍ଘଶ୍ରମ, ନେତର ନାମ ଉନ୍ମନୀ, ରଜ୍ଜୁର ନାମ ବାସୁକୀ, ରଥମୁଦ୍ରରେ କେତୁଭଦ୍ର, ରଥପାର୍ଶ୍ୱ ରକ୍ଷକ ବିଷ୍ଣୁଗଣ, ରୁଦ୍ରଗଣ, ବିନାୟକଗଣ ସହ ଚଣ୍ଡୀଗଣଙ୍କୁ ଆବାହନ କରାଯାଏ। ଏଥିରେ ଚିରଦେବତା ବ୍ରହ୍ମାଶିବ, ରଥ ଭୈରବ କ୍ଷେତ୍ରପାଳ, ରଥ ଗନ୍ଧର୍ବ ହୁ ହୁ ଅଟନ୍ତି। ରଥ ନିର୍ମାଣର ପାରମ୍ପରିକ ରୀତିନୀତି ସମ୍ପର୍କରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ଚୈତ୍ର କୃଷ୍ଣ ପ୍ରତିପଦରେ ରଥ ନିର୍ମାଣ ପାଇଁ ଆଜ୍ଞାମାଳ ପ୍ରାପ୍ତ ହୋଇଥାଏ। ଅକ୍ଷୟ ତୃତୀୟା ତିଥିରେ ରଥ ନିର୍ମାଣ ଶୁଭାରମ୍ଭ ହୁଏ। ଏହି ଦିବସରେ ଶ୍ରୀଜୀଉଙ୍କ ହଳାୟୁଧ ନିର୍ମାଣ ହୁଏ। ପୂର୍ବତନ ଟ୍ରଷ୍ଟି ଧୀରେନ ସାହୁ କହିଛନ୍ତି, ରଥ ନିର୍ମାଣରେ ଅଧିକାଂଶ କାଠ ପୂର୍ବବର୍ଷର। ତେବେ ଚଳିତବର୍ଷ ନୂତନ ରଥ ସମୟରେ ୨ ଚକ ଓ ଅନ୍ୟୂନ ୨ଟି ଅଖ ବଦଳା ଯିବା ଆବଶ୍ୟକ ହୋଇଛି। ରଥଯାତ୍ରା ପାଇଁ ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହେଉଥିଲେ ମଧ୍ୟ ଅର୍ଥ ଭରଣା ପାଇଁ ବିଭିନ୍ନ ସଂସ୍ଥା, ବ୍ୟକ୍ତି, ଅନୁଷ୍ଠାନ ଓ ସରକାରୀ ସାହାଯ୍ୟକୁ ଅପେକ୍ଷା କରାଯାଇଥାଏ। କାଠର ଆବଶ୍ୟକତା ଦୃଷ୍ଟିରୁ ଏକ ସ୍ୱତନ୍ତ୍ର ବନ ପ୍ରକଳ୍ପର ଆବଶ୍ୟକତା ରହିଛି। ରଥଯାତ୍ରା ସମ୍ପର୍କରେ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ରଥଯାତ୍ରା ଏଠାରେ ୨ଦିନ ଧରି ହୋଇଥାଏ। ଶ୍ରଦ୍ଧାଳୁଙ୍କ ସମାଗମକୁ ଲକ୍ଷ୍ୟ କରି ଜିଲା ପ୍ରଶାସନ ଓ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବାରମ୍ବାର ପ୍ରସ୍ତୁତ କାର୍ଯ୍ୟର ସମୀକ୍ଷା ହେଉଛି। ଏହି ସମୟରେ ସହରର ପରିମଳ, ଯାତାୟାତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିବା ସେ କହିଛନ୍ତି।

## ସମ୍ପତ୍ତି ହଡ଼ପ ଅଭିଯୋଗ ଆଣିଲେ କିନ୍ନର

ବେଗୁନିଆପଡ଼ା,୧୦।୬

ଦୀର୍ଘ ୫ ବର୍ଷ ଧରି ବେଗୁନିଆପଡ଼ା ଥାନାକୁ ଧାଇଁ ଧାଇଁ ନୟାନ୍ତ ହେଲେଣି ଜଣେ କିନ୍ନର। କିନ୍ତୁ ବାହାରି ପାରୁନି ସମାଧାନର ବାଟ। ବୁରୁଝୁରୀ ପଞ୍ଚାୟତ ପି ନୂଆଗାଁର ରାଜଶ୍ରୀ କିନ୍ନର ନିଜ ମାମୁଙ୍କ ଦତ୍ତ ସନ୍ତାନ ହୋଇଯାଇଛନ୍ତି। ତେବେ ଗତ ୫ ବର୍ଷ ହେବ ମାମୁଙ୍କ ସମ୍ପତିକୁ ଜାଲିଆତି କରି କିଛି ଲୋକ ହଡ଼ପ କରୁଥିବା ନେଇ ଅଭିଯୋଗ ଆଣିଛନ୍ତି ରାଜଶ୍ରୀ। ଥାନାଠୁ ଆରମ୍ଭ କରି କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳୁନି। ରାଜଶ୍ରୀଙ୍କ ଚାଷଜମି ୩ ଏକର ଆମ୍ବ ତୋଟା, ପଦର ଏଭଳି ୧୪ ଏକର ଜମିକୁ ଚକ୍ରାନ୍ତ କରି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। କିନ୍ତୁ ଥାନାରେ ଅଭିଯୋଗ ପରେ ବି ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ଆଜି ବି ବେଗୁନିଆପଡ଼ା ଥାନାକୁ ଆସି ନିରାଶ ହୋଇ ଫେରିଛନ୍ତି ରାଜଶ୍ରୀ। ଜଣେ କିନ୍ନରଙ୍କୁ ପୋଲିସ ସହଯୋଗ କରୁନଥିବା ସେ ଅଭିଯୋଗ କରୁଥିବା ବେଳେ ଯଦି ତୁରନ୍ତ କୌଣସି ପଦକ୍ଷେପ ନିଆନଯିବ ତେବେ ଥାନା ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି। ସେପଟେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା କହିଛନ୍ତି ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ।

## ମୁକ୍ତା ଯୋଜନା ଦକ୍ଷତା ବିକାଶ ତାଲିମ କର୍ମଶାଳା


ବିକାଶ ତାଲିମ କର୍ମଶାଳାରେ ମଞ୍ଚାସୀନ ଅତିଥି।

ପଟ୍ଟାମୁଣ୍ଡାଇ,୧୦।୬(ସ୍ୱ..ପ୍ର.)

**ପଟ୍ଟାମୁଣ୍ଡାଇ ପୌରାଞ୍ଚଳ**

ମହିଳା ସଶକ୍ତିକରଣ ଓ ଗରିବ ଦିନମଜୁରିଆଙ୍କୁ କର୍ମଯୋଗାଣ ଉପରେ ଫୋକସ୍ କରି ସରକାର ବିଭିନ୍ନ ପୌରାଞ୍ଚଳରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା )ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ହେଉଥିବା ପ୍ରକଳ୍ପଗୁଡ଼ିକରେ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଭାଗିଦାର ହୋଇ ଆତ୍ମନିର୍ଭରଶୀଳ ଓ ଆର୍ଥିକ ଭାବେ ସଶକ୍ତ ହେବା ସହ ପୌରାଞ୍ଚଳର ଗରିବଙ୍କୁ କର୍ମନିଯୁକ୍ତିର ସୁବିଧା ପାଇବାର ବ୍ୟବସ୍ଥା ରହିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ସରକାର ୫ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ପୌର ପରିଷଦ ପ୍ରେକ୍ଷାଳୟଠାରେ ଗୁରୁବାର ମୁକ୍ତା ଯୋଜନା କାର୍ଯ୍ୟକାରିତା ନେଇ ଉପଯୁକ୍ତ ତାଲିମ ଦେବା ନିମନ୍ତେ ଏକ ଦକ୍ଷତା ବିକାଶ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଭିଡିଓ କନଫରେନ୍ସ ଯୋଗେ ନଗର ଉନ୍ନୟନ ବିଭାଗ ଯୁଗ୍ମସଚିବ ଶାରଦା ପ୍ରସାଦ ପଣ୍ଡା ଯୋଗଦେଇ ମୁକ୍ତା ଯୋଜନା କାର୍ଯ୍ୟକାରିତା ପାଇଁ ସରକାରୀ ଗାଇଡ଼ଲାଇନ ସମ୍ପର୍କରେ ଉପସ୍ଥିତ ପୌର ପରିଷଦ ଅଧିକାରୀ, କର୍ମଚାରୀ, କାଉନସିଲର ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ମୁକ୍ତା ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ମୁକ୍ତା ଯୋଜନାର ଷ୍ଟେଟ ଟିମ ସଦସ୍ୟ ନମ୍ରତା ଦାଶ, ଉପହାର ବେହେରା ଓ ସର୍ବେଶ୍ୱର ସିଂହସାହୁ ପ୍ରମୁଖ ଯୋଗଦେଇ ମୁକ୍ତା ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସହଭାଗିତା ଓ ଆର୍ଥିକ ସ୍ୱଚ୍ଛଳତା, ସହରାଞ୍ଚଳ ମଜୁରୀ ଶ୍ରମିକ ନିୟୋଜନ କରି ରୋଜଗାର ଯୋଗାଇବା, ବିଭିନ୍ନ ପ୍ରକଳ୍ପର ବ୍ୟୟ ଅଟକଳ, ନକ୍ସା, ନିର୍ମାଣ ସାମଗ୍ରୀ କ୍ରୟ, ମଷ୍ଟର ରୋଲ ପ୍ରସ୍ତୁତି, ନିର୍ମାଣ କାର୍ଯ୍ୟର ମାପ, ବିଲ ପ୍ରସ୍ତୁତି, ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ କାର୍ଯ୍ୟାଦେଶ ଆଧାରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ ବ୍ୟାଙ୍କରୁ ସୁଧମୁକ୍ତ ଋଣ ହାସଲ, ଉତ୍ତମ ଯୋଗାଯୋଗ, ନଥିପତ୍ର ପ୍ରସ୍ତୁତି, ରକ୍ଷଣାବେକ୍ଷଣ, ଆର୍ଥିକ କାରବାର (ହିସାବ କିତାବ ) ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।

## ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହର ଶିଳାନ୍ୟାସ

ଆଳି,୧୦।୬(ଡି. ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ଶୁକ୍ରବାର ଅପରାହ୍ନରେ ଶକ୍ତି, ଶିଳ୍ପ ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଶୁଭ ଦେଇଛନ୍ତି। ଦୀର୍ଘଦିନ ହେବ ଆଳି ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ଦାବି କରି ଆସୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଗୃହ ନିର୍ମାଣ ନିମନ୍ତେ ପ୍ରାୟ ୧୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଇଞ୍ଜିନିୟର ପ୍ରୋଜେକ୍ଟ ଇଣ୍ଡିଆ ଲିମିଟେଡ଼ (ଇପିଆଇଏଲ) କମ୍ପାନୀ ଅଧୀନରେ ନିର୍ମାଣ ହେବାକୁ ଥିବା କାର୍ଯ୍ୟକୁ ଠିକାଦାର ଗଙ୍ଗାଧର ଜେନାଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ସୂଚନା ମିଳିଛି। ଏହି ଅବସରରେ ମନ୍ତ୍ରୀ ଦେବ କହିଛନ୍ତି, ରାଜ୍ୟ ସରକାର ଏବେ ସ୍ୱାସ୍ଥ୍ୟସେବାର ଉନ୍ନତି ଦିଗରେ ପଦକ୍ଷେପ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସଜାଡିବାର ପ୍ରୟାସ ଆରମ୍ଭ କରି ଛନ୍ତି। ଏଥିସହିତ ଆଗାମୀଦିନରେ ବିଭିନ୍ନ ପଞ୍ଚାୟତରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ସଜଡା ହେବା ସହ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ହେବା ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତ। ଏଥିରେ ସମ୍ମାନୀତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଣି ଡା. ଅନିତା ପଟ୍ଟନାୟକ, ଏଡିଏମ୍‌ଓ ପ୍ରମୋଦ ପ୍ରହରାଜ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଜୟରାମ ସାହୁ, ଦେମାଳ ସରପଞ୍ଚ ରିତାରାଣୀ ପରିଡା, ସମିତିସଭ୍ୟ ମିନତି ରାୟ, ଜିଲା ପରିଷଦ ଭୀଷ୍ମ ମହାନ୍ତି, ବ୍ଲକ ସଭାପତି ସନାତନ ମିଶ୍ର, ପ୍ରଦ୍ୟୁମ୍ନ ଦାଶ, ଚିରଞ୍ଜିବି ଦାସ, ନିରଞ୍ଜନ ସେନାପତି ପ୍ରମୁଖଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ।



ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀ ଓ ଅନ୍ୟମାନେ।

## କନିକା ଓକିଲ ସଂଘ ପକ୍ଷରୁ ୮୩ ୟୁନିଟ୍ ରକ୍ତ ସଂଗ୍ରହ

ରାଜକନିକା,୧୦।୬(ଡି.ଏନ.ଏ.)

ବାଲେଶ୍ୱର ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାରେ ଆହତ ଯାତ୍ରୀମାନେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରକ୍ତ ଅଭାବରୁ ସେମାନଙ୍କ ମଧ୍ୟରୁ କାହାର ଯେପରି ମୃତ୍ୟୁ ନ ଘଟେ ଏହି ଚିନ୍ତାଧାରା ନେଇ ଶନିବାର କନିକା ବାର ଆସୋସିଏଶନ ପକ୍ଷରୁ ସ୍ଥାନୀୟ ରାଜସ୍ୱ ଅତିଥି ଭବନ ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଡାକ୍ତର ଆଶିଷ କୁମାର ବାରିକ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ କପିଳେନ୍ଦ୍ର ମଲିକ, କୃଷ୍ଣଚନ୍ଦ୍ର ପଣ୍ଡା, ଫକୀର ଚରଣ ପ୍ରଧାନ, ଶରତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ନେତାଜୀ କ୍ଲବ ତରାସ, ସମ୍ଭାବନା ରାଜକନିକା, ସଂଯୋଗ ଫାଉଣ୍ଡେଶନ, ଟିମ ହ୍ୟୁମାନିଟ, ରାଣୀ ରାଉତ ଫାଉଣ୍ଡେଶନ, ଜୟନଗର ପଞ୍ଚାୟତ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ କମିଟି, କାଟଣା ଟିକେ ହାଇସ୍କୁଲର ଆଲୁମିନି କମିଟି, ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କନିକା ବ୍ଲକ ମିଳିତ ଅମଲା ମଞ୍ଚ ଓ କନିକା ତହସିଲ କାର୍ଯ୍ୟାଳର ସମସ୍ତ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ମୋଟ ୮୩ ୟୁନିଟି ରକ୍ତ ସଂଗୃହିତ ହୋଇଥିଲା । ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକର କର୍ମକର୍ତ୍ତା ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରକୁ କନିକା ଓକିଲ ସଂଘର ସଭାପତି ମୁରଲୀଧର ବଳ, ସମ୍ପାଦକ ଖଗେଶ୍ୱର ନାୟକ, ବୀରେନ କୁମାର ଜେନା, ରଞ୍ଜନ କୁମାର ପ୍ରଧାନ, ପ୍ରଶାନ୍ତ ସାହୁ, ସୁବୋଧ ନାୟକ, ମନୋରଞ୍ଜନ ଭୂୟାଁ, ଅଶୋକ ସାମଲ, ବାପୁଜୀ ଜେନା, ସାରଦା ପ୍ରସନ୍ନ ପତି, ସ୍ୱର୍ଣ୍ଣଲତା ଧଳ, ନିଳାମର ପ୍ରଧାନ, ପ୍ରକାଶ ଦାଶ, ଅକ୍ଷୟ କୁମାର ଦାସ, ମନୋଜ ନାୟକ ଓ ଲକ୍ଷ୍ମୀଧର ସାହୁଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।



ଜଣେ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

## ଯୁକ୍ତ ୨ କଳାରେ ବ୍ଲକ ଯୁଗ୍ମ ଟପ୍ପର

ରାଜନଗର,୧୦।୬(ଡି.ଏନ୍.ଏ.)

ଚଳିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଅନୁଷ୍ଠିତ ଯୁକ୍ତ ୨ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି।

ରାଜନଗର ବ୍ଲକ ପାଇଁ ୨ଜଣ ଛାତ୍ରୀ ଯୁଗ୍ମ ଭାବେ ଟପ୍ପର ହୋଇଛନ୍ତି। ରାଜନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଛାତ୍ରୀ ସସ୍ମିତା ରାଉତ ୪୯୯ ନମ୍ବର ରଖିଥିବା ବେଳେ ଜରିମୂଳସ୍ଥିତ ନଳିନୀକାନ୍ତ ମହାବିଦ୍ୟାଳୟର ଛାତ୍ରୀ ସୁଧାଂଶୁବାଳା ରାଉତ ୪୯୯ ନମ୍ବର ରଖି ଯୁଗ୍ମ ଭାବେ ବ୍ଲକ ଟପ୍ପର ହେବାର ଗୌରବ ଲାଭ କରିଛନ୍ତି। ଦୁଇ ଛାତ୍ରୀଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



ସସ୍ମିତା ରାଉତ ଓ ସୁଧାଂଶୁବାଳା

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବୈଠକ

ରାଜନଗର,୧୦।୬(ଡି.ଏନ୍.ଏ.)

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃପାସିନ୍ଧୁ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଜୟ କୁମାର ଜେନା ସଂଘର ବାର୍ଷିକ ଇସ୍ତାହାର ସମ୍ପର୍କରେ ସର୍ବସମ୍ମତିକ୍ରମେ ଆଲୋଚନା କରିଥିଲେ। ବାଲେଶ୍ୱର ବାହାନାଗ ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ସଙ୍ଗଠନର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୪ଟି ସର୍କଲର ସମ୍ପାଦକ ଭାବେ କେରେଡାଗଡ଼ ସର୍କଲର ବୀରକିଶୋର ଜେନା, ଈଶ୍ୱରପୁର ସର୍କଲର ପରମେଶ୍ୱର ନାୟକ, ରାଜନଗର ସର୍କଲର ଅଭିରାମ ପତି, ଗୁପ୍ତି ସର୍କଲର କ୍ଷୀରୋଦ କୁମାର ମଲିକ ନିଯୁକ୍ତି କରାଗଲା। ସଂଘ ତରଫରୁ ଆଗାମୀ ଦିନରେ ପୂଜ୍ୟପୂଜକ, ଶିଶୁ ପ୍ରତିଭା ସମ୍ବର୍ଦ୍ଧନା, ଦୁର୍ଗତ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା, ସରକାରଙ୍କ ନିଷ୍ପତ୍ତି ବିରୋଧରେ ଲଢେଇ ଜାରି ରହିବ ବୋଲି ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ ପ୍ରଶାସନ ଅନିଲ କୁମାର ବଳଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି କରାଗଲା। ଆଜିର ବୈଠକରେ ସର୍ବେଶ୍ୱର ମହାନ୍ତି, କ୍ଷୀରୋଦ କୁମାର ମଲ୍ଲିକ, ଅନିଲ କୁମାର ବଳ, ସୁବାସ ଚନ୍ଦ୍ର ଦାସ, ଅକ୍ଷୟ କୁମାର ରାଉତ, ପ୍ରସନ୍ନ କୁମାର ଦାସ, କ୍ଷେତ୍ରବାସୀ ସ୍ୱାଇଁ, ଅର୍ଜୁନ କୁମାର ସ୍ୱାଇଁ, ବିଜୟ କୁମାର ଜେନା, ଶରତ ରଥ, ଦାଶରଥି ଲେଙ୍କା, ଅଭିରାମ ପତି, ବୀର କିଶୋର ଜେନା ପ୍ରମୁଖ ଅବସରପ୍ରାପ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରସନ୍ନ କୁମାର ଦାସ ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ଅବସରପ୍ରାପ୍ତ କର୍ମଚାରୀ।

# ବସ୍ତାନି ବଦଳରେ ହାତରେ ଥାଳ

ମହାକାଳପଡ଼ା, ୧୦।୬ (ଡି.ଏନ.ଏ.)

**ପେଟର ଭୋକ ପାଇଁ ବାଟ ହୁଡୁଛି ସର୍ବଶିକ୍ଷା ଅଭିଯାନ**

ଦାରିଦ୍ର୍ୟ ଜୀବନକୁ ବାଟବଣା କରେ। ପେଟ ଚାଖଣ୍ଡକ ପାଇଁ ଥାଳ ଧରି ଟହଟହ ଟାଣ ଖରାରେ ବାରଦୁଆର ବୁଲି ଭାତ ମୁଠେ ପାଇଁ ସଂଗ୍ରାମ କରୁଥିବା କୁନି ପିଲାଟିର ମୁହଁରୁ ସ୍ପଷ୍ଟ ବାରି ହୋଇପଡୁଥାଏ କ୍ଷୁଧା। ସମୟ ପାଖାପାଖି ମଧ୍ୟାହ୍ନ ଯେତେବେଳେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜନଜୀବନ ଅସ୍ତବ୍ୟସ୍ତ କରି ବିଶ୍ରାମ ଖୋଜୁଥାଏ ଠିକ୍ ସେତିକି ବେଳେ ନିଜର ବାପା ସହ କବାଟ ପାଖରେ ଡାକ ଦିଏ ବାବୁ ଆମକୁ କିଛି ଦିଅ। ଏହି କୁନିପିଲାର ଡାକ ଶୁଣି ଯିଏ ଯାହା ଯଥା, ଭାତ ତରକାରିଠୁ ଆରମ୍ଭକରି ଚାଉଳ, ଟଙ୍କା ପଇସା ପର୍ଯ୍ୟନ୍ତ ଦେଇଥାନ୍ତି। ଯାହା ମିଳିଥାଏ ତାକୁ ଖାଇ ଟିକେ ବିଶ୍ରାମ ନେଇ ପୁଣି ଅପରାହ୍ନରେ ଘରକୁ ଘର ବୁଲିବାକୁ ପଡ଼େ। ରାତି ହେଲେ ଗାଁ ବିଦ୍ୟାଳୟ ବାରଣ୍ଡା, ବାତ୍ୟା ଆଶ୍ରୟସ୍ଥଳ ପିଣ୍ଡାରେ ରାତ୍ରିଯାପନ କରିଥାନ୍ତି। ଯେଉଁ ବୟସରେ କୁନି ପିଲାଟି କାନ୍ଧରେ ବସ୍ତାନି ପକାଇ ବିଦ୍ୟାଳୟ ଯିବା କଥା, ସେହି ବୟସରେ ପେଟର ଭୋକ ପାଇଁ ହାତରେ ଥାଳ ଧରି ବାରଦୁଆର ବୁଲୁଥିବା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଗାଁରେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସର୍ବଶିକ୍ଷା ଅଭିଯାନରେ ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ ନାରା ସତେଯେମିତି ଉପାନ୍ତ ଅଞ୍ଚଳରେ ହୋଇଛି ବାଟବଣା। ବିଦ୍ୟାଳୟଗୁଡ଼ିକରେ ମାଗଣାରେ ନାମଲେଖାଠାରୁ ଆରମ୍ଭକରି ମଧ୍ୟାହ୍ନଭୋଜନ ଯୋଗାଣ, ପୋଷାକ, ପୁସ୍ତକ, ସାଇକେଲ, ଷ୍ଟାଇପେଣ୍ଡ, ଭିଟାମିନ ଔଷଧ ଆଦି ମାଗଣାରେ ଯୋଗାଇ ଦିଆଯାଉଛି। ଏସବୁ ସତ୍ତ୍ୱେ ମଧ୍ୟ ପିଲାମାନେ ବିଦ୍ୟାଳୟ ପ୍ରତି ବିମୁଖ ହେଉଛନ୍ତି ତାହା ବୁଦ୍ଧିଜୀବୀ ମହଲରେ ଦୁଃଖ ପ୍ରକାଶ ପାଇଛି। ଶିକ୍ଷା ବିଭାଗର କେଉଁଠି ରହୁଛି ତ୍ରୁଟି, ସଚେତନତା ଅଭାବ ପାଇଁ ଏଭଳି ଅନେକ ପିଲା ଦାରିଦ୍ର୍ୟ ବାଧକ ଯୋଗୁ ମା'ବାପାଙ୍କ ସହିତ ଇଟାଭାଟିରେ କାମ କରୁଥିବା ବେଳେ ଆଉ କିଏ ପର ଘରେ ଘୁଷୁରି ଚରାଇବା, କିଏ କଙ୍କଡ଼ା ମାଛ ଧରିବାରେ ଶୈଶବ କାଟୁଛନ୍ତି। ପିଢ଼ି ପରେ ପିଢ଼ି ମା'ବାପାଙ୍କ କାର୍ଯ୍ୟକୁ ଅନୁସରଣ କରି ନିଜର ସନ୍ତାନମାନେ ସେହି ପ୍ରଥାକୁ ଆପଣେଇ ନେଉଛନ୍ତି ବୋଲି ଦେଖିବାକୁ ମିଳୁଛି। ତେବେ ଏଠାରେ ପ୍ରଶ୍ନ ଉଠେ ଏମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବାକୁ ହେଲେ ସରକାରଙ୍କ ଜନ କଲ୍ୟାଣ ଯୋଜନାଗୁଡ଼ିକରେ ସାମିଲ କରାଗଲେ ଅନ୍ତତଃ ପକ୍ଷେ ସାର୍ବଜନିନ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ। ଏହି ଶିଶୁମାନଙ୍କୁ ଚିହ୍ନଟ କରି ଶିକ୍ଷାବର୍ଷ ଆରମ୍ଭରୁ ଜିଲା ଶିକ୍ଷା ବିଭାଗ ଏମାନଙ୍କ ଥଇଥାନ ପାଇଁ ସରକାରୀ ସ୍ତରରେ ଉଦ୍ୟମ କରିବା ଆବଶ୍ୟକ ବୋଲି ସାମାଜିକ କର୍ମୀ ସୁବାସ ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରାଙ୍କୁ ପଚାରିବାରେ ଏହି ଶିଶୁମାନଙ୍କ ଶିକ୍ଷା ପାଇଁ ସ୍ୱତନ୍ତ୍ର ଅନୁସନ୍ଧାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ବାପାଙ୍କ ସହିତ ଜଣେ ଶିଶୁ ଭିକ୍ଷାବୃତ୍ତି କରୁଛନ୍ତି।

# ନୟାଗଡ଼ରେ କାଳବୈଶାଖୀ, ବ୍ୟାପକ କ୍ଷୟକ୍ଷତି

■ ଶତାଧିକ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା
■ ତାର ଛିଡ଼ିବାରୁ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ
■ ଲୋକଙ୍କ ଯାତାୟାତ ପଥ ଅବରୋଧ

ଖଣ୍ଡପଡ଼ା,୧୦।୬(ସ୍ୱ.ପ୍ର.)

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର, ଖଳିସାହି –କୋସକା, ବେଣାଗାଡିଆ–କାଦୁଆ, କଣ୍ଟିଲୋ, ବଡ଼ବାଣପୁର ଓ ଆଖପାଖ ଅଞ୍ଚଳରେ ଶନିବାର ଅପରାହ୍ନ ସମୟରେ କାଳ ବୈଶାଖୀ ଯୋଗୁ ପ୍ରବଳ ବେଗରେ ପବନ, ବର୍ଷା ହୋଇଥିଲା । କାଳବୈଶାଖୀ ପ୍ରଭାବରେ ରାସ୍ତା ପାର୍ଶ୍ୱରେ ଥିବା ବଡ଼ ବଡ଼ ଗଛ ଭାଙ୍ଗି ପଡିବା ଯୋଗୁ ସେହି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା । ବିଭିନ୍ନ ଯାନବାହନରେ ଯାତ୍ରା କରୁଥିବା ଲୋକମାନେ ରାସ୍ତା ଉପରେ ଅଟକି ରହିଥିଲେ । ବର୍ଷା ପବନରେ ଗଛ ଡାଳ ଭାଙ୍ଗି ବିଦ୍ୟୁତ୍ ଖୁଣ୍ଟ ଉପରେ ପଡିବା ଯୋଗୁ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା । ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବାରେ ବିଳମ୍ବ ହେବ ବୋଲି ଖଣ୍ଡପଡ଼ା ଓ କଣ୍ଟିଲୋ ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀ ବିନୋଦ କୁମାର ମହାରଣା ଓ ରମେଶ ଚନ୍ଦ୍ର ସାହୁ କହିଛନ୍ତି । କାଳବୈଶାଖୀ ପ୍ରଭାବରେ ମର୍ଦ୍ଦରାଜପୁର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହର ଆଜବେଷ୍ଟସ ଓ ବେଣାଗାଡିଆ ସାତଗାଁ ହାଇସ୍କୁଲ ପରିସରରେ ଥିବା ପୁରୁଣା ଶ୍ରେଣୀ ଗୃହର ଟିଣ ଛାତ ଉଡି ଯାଇଛି । ବେଣାଗାଡିଆ କାଦୁଆ ଗଡିଆ ସାହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବଡ ବଡ ଗଛ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡିଥିବା ବେଳେ ଖଣ୍ଡପଡା ଏନଏସି ଅଞ୍ଚଳରେ ଏକାଧିକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି । ଖଣ୍ଡପଡା ବ୍ଲକ ଅଧୀନ ବେଣାଗାଡିଆ–ଗଣିଆ ରାସ୍ତାର କୁମୁଣ୍ଡି ନିକଟରେ, କାଦୁଆ– ଗଡିଆସାହି ରାସ୍ତା, କଣ୍ଟିଲୋ–ଶୁଳିଆ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ମଧ ଗଛଡାଳ ଭାଙ୍ଗି ବିଦ୍ୟୁତ୍ ତାର ଛିଣ୍ଡି ପଡିଛି । ସିଧାମୂଳା ଓ ପତ୍ତୁରିଆ ଅଞ୍ଚଳରେ କାଳବୈଶାକୀ ପ୍ରଭାବରେ ଅନେକ ଝାଟିମାଟି ଘର ଭାଙ୍ଗି ଯାଇଥିବା ବେଳେ ଗଛଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଛି । ବଳରାମପ୍ରସାଦ ଜଗନ୍ନାଥଙ୍କ ଦାରୁ ସ୍ଥଳରେ ଥିବା ଟିଣ ଛପର ଘରକୁ ଉଡାଇ ନେଇଛି । ରାସ୍ତା ଉପରୁ ଗଛ ଡାଳ ସଫା କରାଯାଇ ଯାତାୟତର ବ୍ୟବସ୍ଥା କରାଯାଉଛି । ବିଦ୍ୟୁତ୍ ସରବରାହ ବନ୍ଦ ଯୋଗୁ ଖଣ୍ଡପଡା ବିଦ୍ୟୁତ ଉପଖଣ୍ଡ ଅଧୀନ ପ୍ରାୟ ୩୦ରୁ ୪୦ ଖଣ୍ଡ ମୌଜାର ଅଞ୍ଚଳବାସୀ ଅନ୍ଧାରରରେ ରହିଥିବା ଜଣାପଡିଛି । ପତ୍ତୁରିଆ, ପାଣ୍ଡରାସିଂଘା, ଗୋପାଳପ୍ରସାଦ ଅଞ୍ଚଳର ସୁଦର୍ଶନ ଜେନା, ସନ୍ତୋଷ ରାଉତ, ଶଶୀ ଭୂଷଣ ରାଉତ, ଶ୍ରୀନିବାସ ବେହେରା, ମନୋଜ ବେହେରାଙ୍କ ଘର, କୁକୁଡା ଫାର୍ମ ଉପରେ ଗଛଡାଳ ପଡି କ୍ଷୟକ୍ଷତି ହୋଇଥିବା ସରପଂଚ ଗୀତାରାଣୀ ବେହେରା ସୂଚନା ଦେଇଛନ୍ତି । ରାଜକିଆରୀ– ଗଣିଆ ମୁଖ୍ୟ ରାସ୍ତା ପାଣ୍ଡରାସିଂଗା ନିକଟରେ ପଡିଥିବା ଗଛ ଓ ଗଛଡାଳକୁ ହଟାଇବାକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଲାଗି ପଡିଛନ୍ତି । ଖଣ୍ଡପଡା, କଣ୍ଟିଲୋ, ବାଣପୁର ଓ ଖଳିସାହିର ବିଦ୍ୟୁତ୍ କର୍ମଚାରୀମାନେ ବିଦ୍ୟୁତ୍ ଯୋଗାଣ ପାଇଁ କାମ କରୁଛନ୍ତି । ହରିସୁବୁଦ୍ଧି ପାଟଣା ହରିଜନ ସାହିର ସନ୍ତୋଷ ନାୟକଙ୍କ ଉପରେ ଗଛଡାଳ ପଡି ମୁଣ୍ଡ ଫାଟି ଯିବା ସହ ଆହାତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଶୁ ଚିକିତ୍ସା ପାଇଁ ଆସିଥିବା ଜଣାଯାଇଛି । ସେହିପରି ଖଣ୍ଡପଡ଼ା ଓ ଗଣିଆ ଅଗ୍ନିଶମ କର୍ମଚାରୀମାନେ ରାସ୍ତା ଉପରୁ ଗଛ, ଗଛଡାଳ ହଟାଇବା ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି । ଏହି କାଳ ବୈଶାଖୀରେ ପ୍ରକୃତ କ୍ଷୟକ୍ଷତିର ଆକଳନ ଅସନ୍ତା କାଲି ଜଣାପଡିବ । ଅନ୍ଧାର ସମୟରେ ତଥା ବର୍ଷା ପବନ ଯୋଗୁଁ ବାହାରକୁ ଯିବା ସମ୍ଭବ ହେଉନି ।


କାଳବୈଶାଖୀ ପ୍ରଭାବରେ ଭାଙ୍ଗିପଡିଥିବା ଗଛକୁ କଟାଯାଉଛି ।

















## ରଣପୁରରେ କାଳବୈଶାଖୀ

■ ଭାଙ୍ଗିଲା ୨୦ରୁ ଊର୍ଦ୍ଧ୍ୱ ଘର
■ ଗୋଡିପଡାରେ କୁଆପଥର ବର୍ଷା

ନୟାଗଡ଼ ଅଫିସ/ରଣପୁର,(ସ୍ୱ.ପ୍ର.)୧୦।୬

ରଣପୁରରେ ଅପରାହ୍ନ ୪ଟାରେ କାଳବୈଶାଖି ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି । ହାଟସାହିରେ ବନବିଭାଗର ଶାଗୁଆନ ଗଛର ଡାଳପଡି ପିତାମ୍ବର ଡାକୁଆଙ୍କର ଘର ଭାଙ୍ଗି ଯାଇଛି । ରଣପୁର ମଣିନାଗସାହିର ଶିକ୍ଷକ ଶୁଶୀଳ କୁମାର ରଣାଙ୍କ ଆଜବେଷ୍ଟସ ଛପର ଉଡାଇ ନେଇଛି । ଘର ସମ୍ମୁଖରେ ଥିବା କାର ଉପରେ ଗଛ ପଡି କାର ଭାଙ୍ଗିରୁଜା ଯାଇଛି । ପ୍ରାୟ ୨ ଘଣ୍ଟା ଧରି ବର୍ଷା ଓ ପବନ ଲାଗି ରହିବାରୁ ରଣପୁର ବ୍ଲକ ଓ ରଣପୁର ସହରରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଯାଇଛି । ରାତି ୧ଟା ସୁଦ୍ଧା ବିଦ୍ୟୁତ୍ ଆସି ନାହିଁ । ସେହିପରି ଓଡ଼ଗାଁ ତହସିଲର ଗୋଡିପଡାରେ ବର୍ଷା ପବନ ସହ କୁଆପଥର ବର୍ଷା ହୋଇଛି । ଏଠାରେ ସେପରି କ୍ଷୟକ୍ଷତି ଜଣାପଡିନି । ପୁଣି ଶରଣକୁଳ ଅଞ୍ଚଳରେ ବର୍ଷା ପବନ ଲାଗି ରହିଥିଲା ।



## କଲବଲ କରୁଛି ବିଦ୍ୟୁତ୍ କାଟ

**ଡାଉ ସାଧୁଛି ଗୁଳଗୁଳି**

ନୟାଗଡ ଅଫିସ,୧୦।୬

ନୟାଗଡ ସହରରେ ବାରମ୍ବାର ବିଦ୍ୟୁତ୍ କାଟ ଲୋକଙ୍କୁ କଲବଲ କରୁଛି । ଦିନରେ ଅଗ୍ନିବର୍ଷା ହେଉଥିବାବେଳେ ଏହାର ପ୍ରକୋପରେ ଗୁଳଗୁଳି ହେଉଛି । ଏଭଳି ସମୟରେ ୩ ଦିନ ହେଲା ବାରମ୍ବାର ବିଦ୍ୟୁତ୍ କାଟ ଲାଗି ରହୁଛି । ବିଦ୍ୟୁତ୍ ବିଭାଗ ଓ ରାଜ୍ୟ ଶକ୍ତିମନ୍ତ୍ରୀଙ୍କୁ ବିଦ୍ୟୁତ୍ କାଟକୁ ଅଘୋଷିତ ବିଦ୍ୟୁତ୍ କାଟ ବୋଲି ସ୍ୱୀକାର କରୁ ନାହାନ୍ତି । ୨ଦିନ ହେଲା ରାତିରେ ନୟାଗଡ ସହରର କିଛି ଅଞ୍ଚଳରେ ପ୍ରାୟ ୧୦ରୁ ୫୦ ମିନଟ ଭିତରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି । ସେହିପରି କେତେକ ଅଞ୍ଚଳରେ ଲୋ ଭୋଲଟେଜ ଓ ହାଇ ଭୋଲଟେଜ ହୋଇ ଲାଇନ ଅପଡାଉନ ହେଉଛି । କିଛି ସ୍ଥାନରେ ଘରେ ଫ୍ୟାନ୍ କାମ କରୁ ନ ଥିବାବେଳେ ଏସି ଚାଲୁନି ବୋଲି ଅଭିଯୋଗ ହେଉଛି । ଶନିବାର ଅପରାହ୍ନରେ ଜିଲାର ଭାପୁର, ଖଣ୍ଡପଡା, ରଣପୁର, ଗୋଡିପଡା ପରି ଅଞ୍ଚଳରେ କାଳବୈଶାଖୀ ହୋଇଥିଲା । ତେବେ ନୟାଗଡ ସହରରେ କାଳବୈଶାଖି ନ ହୋଇ ଅପରାହ୍ନ ୪ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା । ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଓ ନିର୍ବାହୀଯନ୍ତ୍ରୀଙ୍କୁ ଫୋନ କଲେ ଫୋନ ଉଠାଉ ନ ଥିବାର ଅଭିଯୋଗ ହୋଇ ଆସୁଛି । ନିର୍ବାହୀଯନ୍ତ୍ରୀଙ୍କ ବଦଳି ହୋଇଥିଲେ ମଧ ସେ ନୟାଗଡ଼ ଜିଲା ଛାଡିବାକୁ ନାରାଜ । ଜିଲାବାସୀ ଠିକରେ ବିଦ୍ୟୁତ୍ ସେବା ପାଉ ନ ଥିବାବେଳେ ଟିପିସିଡିଏଲ ଆସିବା ପରେ ବିଦ୍ୟୁତ୍ କାଟ ବଢ଼ିଥିବା ଅଭିଯୋଗ ହୋଇଛି ।

## ଯୁବକଙ୍କ ଆତଙ୍କରାଜ ମାମଲା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୦।୬(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ଶନିବାର ବ୍ରହ୍ମପୁର ସଦର ଥାନା ଲାଠି ଗ୍ରାମର ପାଣ୍ଡା ଗୌଡ଼ଙ୍କୁ ହତ୍ୟା ଉଦ୍ୟମ ମାମଲାରେ କୋର୍ଟ ଚାଲାଣ କରିଛି । ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି । ସେ ଲକ୍ଷ୍ମୀ ନାହାକଙ୍କୁ ହତ୍ୟା ଉଦ୍ୟମ କରିଥିଲେ ।

## ଓଡ଼ଗାଁ କ୍ରିକେଟ ଲିଗ୍ ଉଦ୍‌ଘାଟିତ

**ଅଂଶ ଗ୍ରହଣ କରିଛନ୍ତି ୨୧ ଟିମ୍**

ଓଡ଼ଗାଁ,୧୦।୬(ସ୍ୱ.ପ୍ର.)

ଓଡ଼ଗାଁ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୧୪ ତମ ଓଡ଼ଗାଁ କ୍ରିକେଟ ଲିଗ ଶନିବାର ଉଦ୍‌ଘାଟିତ ହୋଇଛି । ଏଥିରେ ସ୍ଥାନୀୟ ଅଞ୍ଚଳର ୨୧ ଟିମ୍ ଅଂଶ ଗ୍ରହଣ କରିଛନ୍ତି । ୧୬ ତାରିଖରେ ଏହି ଟୁର୍ନାମେଣ୍ଟର ଉଦଯାପନୀ ମ୍ୟାଚ ଅନୁଷ୍ଠିତ ହେବ । ଉଦଘାଟନୀ ଦିବସର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଭେଟେରାନ ଦଳକୁ ୨୪ ରନରେ ହରାଇ ରୟାଲ କିଙ୍ଗ ବିଜୟୀ ହୋଇଛି । ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ୩ଡି ଇମୋର୍ଟାଲ ୭ ଉଇକେଟରେ ସିଭିଲିଆନ ଡିଫେନ୍ସ ଏକାଡେମୀଙ୍କୁ ହରାଇଛି । ପ୍ରଥମ ମ୍ୟାଚ୍‌ରେ ରୟାଲ କିଙ୍ଗର ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିବା ପ୍ରଶାନ୍ତଙ୍କ ୨୨ ବଲ ଓ ୪୯ ରନ ବଳରେ ଦଳ ୧୩୧ ରନ ହାସଲ କରିଥିଲା । ଜବାବରେ ଆୟୋଜକ ଭେଟେରାନ ଦଳ ୧୦ ଓଭରରେ ୧୦୭ ରନ କରି ପରାଜୟ ହୋଇଥିଲା । ସେହିପରି ୨ୟ ମ୍ୟାଚ୍‌ରେ ସିଡିଏ ୧୨ ଓଭରରେ ୧୧୩ ରନ ସଂଗ୍ରହ କରିଥିବା ବେଳେ ୩ଡି ଇମୋର୍ଟାଲ ମ୍ୟାନ ଅଫ୍ ଦି ମ୍ୟାଚ୍ ପାଇଥିବା ଓମ୍ ପ୍ରକାଶଙ୍କ ଅର୍ଦ୍ଧ ଶତକ ବଳରେ ୧୧ ଓଭରରେ ୧୧୪ ରନ ହାସଲ କରି ବିଜୟୀ ହୋଇଥିଲା । ଉଦଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ତଥା ଆୟୋଜକ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଓ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଓ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ବିଶେଷ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ପାଦକ ଦିବକାର ନାୟକ ଲିଗ ମ୍ୟାଚ୍ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ । ବେଳେ ତନ୍ମୟ, ରୋହନ, ଅମିତ, ଉମାକାନ୍ତ, ରାକେଶ, ବିଶ୍ୱଜିତ ଓ ଚନ୍ଦନ ମ୍ୟାଚ ପରିଚାଳନା କରିଥିଲେ । ସନ୍ତୋଷ କୁମାର ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ମ୍ୟାଚ୍ ଆରମ୍ଭରୁ ସମସ୍ତ ଖେଳାଳୀଙ୍କ ସହିତ ଅତିଥି ମାନେ ବିଜେ ଶ୍ରୀରଘୁନାଥ ମନ୍ଦିରରୁ ମଶାଲ ଆଣି ମିନି ଷ୍ଟାଡିୟମରେ ସ୍ଥାପନ କରିଥିଲେ ।



ଓଡଗାଁ କ୍ରିକେଟ୍ ଲିଗ୍‌ର ଉଦ୍‌ଘାଟନ ଉତ୍ସବ ପୂର୍ବରୁ ବାହାରେ ଥିବା ଖେଳାଳୀଙ୍କ ଶୋଭାଯାତ୍ରା ।

## ଟପ୍ପରଙ୍କୁ ଶୁଭେଚ୍ଛା ଜଣାଇଲେ ପୂର୍ବତନ ବିଧାୟକ


ଜଣେ କୃତୀଛାତ୍ରୀଙ୍କୁ ପୂର୍ବତନ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି ।

ଖଣ୍ଡପଡା,୧୦।୬(ସ୍ୱ.ପ୍ର)

ଗୁରୁବାର ଯୁକ୍ତ ଦୁଇ କଳା ଶ୍ରେଣୀ ଫଳ ପ୍ରକାଶ ପରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ କଲେଜର ଟପ୍ପର ହୋଇଥିବା ଛାତ୍ରୀଛାତ୍ର, ଅଭିଭାବକ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା । ବିଶେଷ କରି ଖଣ୍ଡପଡା ମହିଳା ଜୁନିୟର ମହାବିଦ୍ୟାଳୟର ଛାତ୍ରୀ ସୀମା ପ୍ରଧାନ ସର୍ବୋଚ୍ଚ ୫୩୦ନମ୍ବର ରଖି ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀସ୍ତରରେ ଟପ୍ପର ହୋଇଛନ୍ତି । ଏ ପରିପ୍ରେକ୍ଷୀରେ ଖଣ୍ଡପଡା ପ୍ରାକ୍ତନ ବିଧାୟକ ଅନୁଭବ ପଟ୍ଟନାୟକ ଶନିବାର ପୂର୍ବାହ୍ନରେ ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ଥିବା ଖଣ୍ଡପଡା ମହିଳା ମହାବିଦ୍ୟାଳୟ, ଖଣ୍ଡପଡା ପଠାଣିସାମନ୍ତ ମହାବିଦ୍ୟାଳୟ, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ଭାପୁର ଆଞ୍ଚଳିକ ମହାବିଦ୍ୟାଳୟ ଓ ପ୍ରହଲ୍ଲାଦ ମହାବିଦ୍ୟାଳୟ ଆଦି ୫ ମହାବିଦ୍ୟାଳୟର +୨ କଳା ବିଭାଗ ଟପ୍ପର ହୋଇଥିବା ଛାତ୍ରୀଛାତ୍ର ଯଥାକ୍ରମେ ସୀମା ପ୍ରଧାନ, ରତ୍ନାକର ସ୍ୱାଇଁ, ଜସ୍ମିନୀ ସାହୁ, ଶିବାଞ୍ଜଳି ମହାପାତ୍ର ଓ ପଦ୍ମାବତୀ କଲେଜର ଯୁଗ୍ମ ଟପ୍ପର ବର୍ଷା ନାୟକ ଏବଂ ଦୀପା ବେହେରାଙ୍କ ଘରେ ପହଞ୍ଚି ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି ।

